# ରାଜନୈତିକ ହିଂସାରୁ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା

**ଅନୁଗୋଳ, ୨୮ ।୫(ସମିସ)**

ଜରପଡ଼ା ଥାନା ଅନ୍ତର୍ଗତ ଜେରେଙ୍ଗ ଦେହୁରୀ ସାହିରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ବିଭୁତି ଭୂଷଣ ଗଡ଼ନାୟକ ଅତ୍ୟଧିକ ଗରମ ଯୋଗୁଁ କାଲି ରାତିରେ ଘର ଛାତ ଉପରେ ଅନ୍ୟ ଦିନ ଭଳି ଶୋଇଥିଲେ। ସକାଳେ ତାଙ୍କ ମୃତଦେହ ତଳେ ପଡିଥିବା ପରିବାର ଲୋକ ଦେଖିଥିଲେ। ବିଭୁତିଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରି ନଥିଲେ। ରାଜନୈତିକ ଆକ୍ରୋଶରୁ କେହି ତାଙ୍କୁ ହତ୍ୟା କରିଛି ବୋଲି ପରିବାର ପକ୍ଷରୁ ଜରପଡ଼ା ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳକୁ ଡଗ୍ ସ୍କ୍ୱାଡ, ସାଇଣ୍ଟିଫିକ ଟିମ୍ ନେଇ ପୁଲିସ ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ଆଜି ମଧ୍ୟାହ୍ନରେ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଡିଆଇଜି ଡ. ଉମାଶଙ୍କର ଦାସ ସାମ୍ବାଦିକଙ୍କୁ ସୂଚନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ବିଭୁତି ଭୂଷଣ ଗଡ଼ନାୟକ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜେରେଙ୍ଗ ଦେହୁରୀ ସାହି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ। ସେ ଜଣେ ବିଜେଡି କର୍ମୀ ଥିଲେ। ରବିବାର କୌଣସି ଏକ କାରଣରୁ ଉପୁଜିଥିବା ତିକ୍ତତାର ସୋମବାର ଆପୋଷ ବୁଝାମଣା ହୋଇଥିଲା। ମଙ୍ଗଳବାର ସକାଳେ ବିଭୁତିଙ୍କ ଆକସ୍ମିକ ମୃତ୍ୟୁକୁ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣା ପରେ ସ୍ଥାନୀୟ ଆଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି।

## ● ପୁଲିସ ତଦନ୍ତ ଜାରି; ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା



## ଅଭିଯୋଗ ଆଣିଲେ ପରିବାର ଲୋକ

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା ଅନ୍ତର୍ଗତ ଜେରେଙ୍ଗଦେହୁରୀ ସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେଡି ନେତା ବିଭୁତିଭୂଷଣ ଗଡ଼ନାୟକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିବା ବେଳେ ଏନେଇ ବିଭୁତିଙ୍କ ପୁଅ ବିକାଶ ରଞ୍ଜନ ଗଡ଼ନାୟକ ଜରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶଥାଉ କି, ବିଭୁତିଙ୍କ ଘରଠାରୁ କିଛି ଦୂର ଭାଗିରଥିପୁର ଛକଠାରେ ଥିବା କ୍ୟାମ୍ପ ଘରକୁ କିଛି ଅସାମାଜିକ ଯୁବକ ଟେକା ପଥର ମାଡ଼କରି କବାଟ ଝରକା ଭାଙ୍ଗି ଦେଇଥିଲେ। ଏନେଇ ଜରପଡ଼ା ଥାନାରେ ଆପୋଷ ସମାଧାନ ହୋଇଥିଲା। ପରିବାର ଲୋକ ରହୁଥିବା ବାସଗୃହ ସମ୍ମୁଖରେ ବିଭୁତିଙ୍କ ମୃତ ଶରୀର କ୍ଷତାକ୍ତ ଅବସ୍ଥାରେ ପଡିଥିବା ଦେଖିଥିଲେ। ପୁଲିସ ଅଭିଯୋଗ ପାଇବା ପରେ ଘଟଣାସ୍ଥଳରେ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଅନୁଗୋଳ ଜିଲ୍ଲା ଚିକିତ୍ସାଳୟକୁ ପଠାଯାଇଛି।





## ବଇଣ୍ଠା କଲେଜର ସଫଳତା

**ବଇଣ୍ଠା, ୨୮ ।୫(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଠା ଜନତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଫଳାଫଳ ପ୍ରକାଶ ପାଇଛି। କଳା ବିଭାଗରେ ଫାଷ୍ଟ କ୍ଲାସରେ ୧୯ ଜଣ ଛାତ୍ରୀ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସେକେଣ୍ଡ କ୍ଲାସରେ ୨୮ ଜଣ ଛାତ୍ରୀଛାତ୍ର, ଥାର୍ଡ କ୍ଲାସରେ ୧୨୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶତକଡା ୭୬ ପ୍ରତିଶତ ପାସ ହାର ରହିଛି। ସେହିପରି ବିଜ୍ଞାନ ବିଭାଗରେ ଫାଷ୍ଟ କ୍ଲାସରେ ୧୦ ଜଣ, ସେକେଣ୍ଡ କ୍ଲାସରେ ୨୧ ଜଣ, ଥାର୍ଡ କ୍ଲାସରେ ୨୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶତକଡ଼ା ୭୦ ପ୍ରତିଶତ ପାସ ହାର ହୋଇଥିବା ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସମସ୍ତ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟର ଅଧକ୍ଷ କାଳନ୍ଦୀ ଚରଣ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।

## ରେଳ ଧାରଣାରୁ ଶବ ଉଦ୍ଧାର

**ବଇଣ୍ଠା, ୨୮ ।୫(ସମିସ):** ହଣ୍ଡପା ଥାନା ବଇଶିଣା ନିକଟସ୍ଥ ରେଳ ଧାରଣାରୁ ମଙ୍ଗଳବାର ରେଢାଖୋଲ ରେଳବାଇ ପୁଲିସ ଏକ ଯୁବକର ଶବ ଉଦ୍ଧାର କରିଛି। ତାଙ୍କ ନାମ ସିପୁନ ନାଗ (୨୩) ଓ ଘର ପ୍ରତାପପୁର ଗ୍ରାମରେ ବୋଲି ଜଣାପଡିଛି। ତାଙ୍କ ମୃତ୍ୟୁର କାରଣ ଜଣା ପଡି ନଥିବା ବେଳେ ତାଙ୍କ ଶବ ରେଳଧାରଣାରେ ପଡିଥିବା ଦେଖି ଅଞ୍ଚଳବାସୀ ବଇଣ୍ଠା ରେଳବାଇ ପୁଲିସକୁ ସୂଚନା ଦେଇଥିଲେ। ପରେ ଏହି ଅଞ୍ଚଳ ରେଢାଖୋଲ ରେଳବାଇ ପୁଲିସ ଅଧୀନରେ ଥିବା ଯୋଗୁଁ ରେଢାଖୋଲ ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିପୁନଙ୍କ ଶବକୁ ଜବତକରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ଅନୁଗୋଳ, ୨୮ ।୫(ସମିସ):** ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ଅନ୍ତର୍ଗତ ପୁକତୁଙ୍ଗା ଗ୍ରାମର ରବୀନ୍ଦ୍ର ସାହୁଙ୍କ ପୁଅ ମହେଶ୍ୱର ସାହୁ (୨୯)ଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଯେ, ଆଜି ସକାଳ ପ୍ରାୟ ୭ଟା ସମୟରେ ଅଗଣାରେ ଥିବା କୁଅକୁ ଗାଧୋଇବାକୁ ଯିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ସେଇଠି ସେ ଟଳି ପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ, ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ପୋଷ୍ଟମର୍ଟମ ପରେ ମୃତଶରୀର ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ। ଏପଟେ ମହେଶ୍ୱରଙ୍କ ମୃତ୍ୟୁ ଖବର ପାଇ ଗାଁରେ ଶୋକର ଛାୟା ଖେଳିଯାଇଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**କଣିହାଁ, ୨୮ ।୫(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ଶଗଡ଼ିପାଳ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ମିଶ୍ରଙ୍କ ୭୪ବର୍ଷରେ ଦେହାନ୍ତ ହୋଇଛି। ବାର୍ଦ୍ଧକ୍ୟ ଜନିତ କାରଣରୁ ତାଙ୍କର କଣିହାଁ ବ୍ଲକ ବଡ଼ତ୍ରିବିଡ଼ା ପଞ୍ଚାୟତ ଅନ୍ତର୍ଗତ ସରଧାପୁର ସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ହୋଇଛି। ମୃତ୍ୟ ଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ୨ପୁଅ, ପରିବାରବର୍ଗ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କର ଶେଷ ଦର୍ଶନ ଲାଗି ବାସଭବନରେ ଶୁଭେଚ୍ଛୁଙ୍କ ଭିଡ଼ ଲାଗିଥିଲା। ଖବର ପାଇ ବିଜେଡି ଯୁବନେତା ସୁନିଲ କୁମାର ପ୍ରଧାନ, ବରିଷ୍ଠ ବିଜେପି ନେତା ନୃସିଂହ ଚରଣ ବରାଳ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କର ଶେଷକୃତ୍ୟ ପୁରୀ ସ୍ବର୍ଗଦ୍ୱାର ଠାରେ କରାଯାଇଛି। ସେ ଚନ୍ଦ୍ରବିଲ, ସରଧାପୁର, ଜାମୁନାଳି ଇତ୍ୟାଦି ବିଦ୍ୟାଳୟରେ ଶିକ୍ଷକତା କରି ସୁନାମ ଅର୍ଜନ କରିଥିଲେ।



■ ଅନୁଗୋଳ ଜିଲ୍ଲା ଦଶମ ବୋର୍ଡ ପରୀକ୍ଷା

## ଉତ୍କର୍ଷତା ଲାଭ କରିଥିବା ଶ୍ରେଷ୍ଠ ବାଳକ ଓ ବାଳିକାଙ୍କୁ ସମ୍ବର୍ଦ୍ଧନା

**ଅନୁଗୋଳ, ୨୮ ।୫(ସମିସ):** ଜିଲ୍ଲାପାଳ ଅବଦଲ ଏମ. ଅଖତର ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷା ଫଳରେ ଉତ୍କର୍ଷତା ଲାଭ କରିଥିବା ଶ୍ରେଷ୍ଠ ବାଳକ ରତିକାନ୍ତ ପ୍ରଧାନ, ଉତକମଣି ଗୋପବନ୍ଧୁ ଉଚ୍ଚ ବିଦ୍ୟାପୀଠ, ଖମାର ଓ ଶ୍ରେଷ୍ଠ ବାଳିକା ଶୁଭଦର୍ଶିନୀ ସାହୁଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧନା କରିବା ସହ ସେମାନଙ୍କୁ ନିଜର ଲକ୍ଷ ପୂରଣ କରିବା ଓ କିପରି ବର୍ତ୍ତମାନର ପଠପଢ଼ା ଉପରେ ମନସ୍କ ହେବେ ସେଥି ପାଇଁ ମାର୍ଗଦର୍ଶନ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ସୁସ୍ମିତା ସାହୁ ଉଭୟ କୃତୀ ଛାତ୍ରଛାତ୍ରୀଙ୍କୁ ଏକାଗ୍ରତା ଓ ନିରନ୍ତର ପ୍ରଚେଷ୍ଟା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଭା ବାରିକ ଓ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଜ୍ଞାସା ପ୍ରବୃତ୍ତିକୁ ଯେତିକି ଜାଗ୍ରତ କରାଇବା ଶିକ୍ଷାର ମୂଳଭୂତ ଲକ୍ଷ ସେତିକି ସଫଳ ହୋଇପାରିବ, ଏହି ମର୍ମରେ ଚଳିତ ବର୍ଷ ପ୍ରାରମ୍ଭରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଶୈକ୍ଷିକ ସ୍ତରରେ ଉନ୍ନତି ପାଇଁ ସୁଚିନ୍ତିଆ ଯୋଜନା ପୂର୍ବକ କେତେକ ପଦକ୍ଷେପ ନେଇଥିଲେ। ପ୍ରଥମେ ବେଶ ଲାଇନ ପରୀକ୍ଷା କରି ପିଲାଙ୍କରେ ପ୍ରାରମ୍ଭିକ ଶିକ୍ଷଣ ସ୍ତର ସ୍ତିରୀକୃତ କରାଯାଇଥିଲା। ପରବର୍ତ୍ତୀ ସମୟରେ ମିଡ ଟର୍ମ ପରୀକ୍ଷା କରି ଫଳଫଳକୁ ସମୀକ୍ଷା କରାଯାଇଥିଲା। ଏକ୍ସ ମାସ ଅବକାଶରେ ଦଶଦିନ ଧରି ବ୍ଲକ ସ୍ତରରେ ଓ ବିଦ୍ୟାଳୟ ସ୍ତରରେ କୋଚିଂ କ୍ୟାମ୍ପର ଆୟୋଜନ କରାଯାଇଥିଲା। ବାର୍ଷିକ ହାଇସ୍କୁଲ ପରୀକ୍ଷା ପୂର୍ବରୁ ଏଣ୍ଡ ଟର୍ମ ପରୀକ୍ଷା କରି ପିଲାମାନଙ୍କୁ ବୋର୍ଡ ପରୀକ୍ଷା ପଦ୍ଧତି ସହ ଅବଗତ କରଯାଇଥିଲା। ଚଳିତ ବର୍ଷ ବାର୍ଷିକ ହାଇସ୍କୁଲ ପରୀକ୍ଷାରେ ଅନୁଗୋଳ ଜିଲ୍ଲାରୁ ମୋଟ ୫୮ ଜଣ ଛାତ୍ରଛାତ୍ରୀ ଏ- ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ସ୍ଥଳେ ମୋଟ ୧୨୨ ଟି ବିଦ୍ୟାଳୟରୁ ଶତ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି।



## ବଇଣ୍ଠା ଚନ୍ଦନ ଯାତ୍ରା; ୫ ଦିନ ମଦବିକ୍ରି ବନ୍ଦ ପାଇଁ ଦାବିପତ୍ର

**ବଇଣ୍ଠା, ୨୮ ।୫(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଠା ଠାରେ ବୁଧବାର ଠାରୁ ଚନ୍ଦନ ଯାତ୍ରା ଆରମ୍ଭ ହେଉଛି। ବିଶେଷ କରି ଗୋଟିଏ ଦିନ ଯାତ୍ରା ସହ ୪ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ଅଞ୍ଚଳବାସୀ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ବଡ଼ ବଡ଼ କଳାକାର ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଚନ୍ଦନ ଯାତ୍ରାରେ ଅଂଶଗ୍ରହଣ କରିବେ। ହେଲେ ଯାତ୍ରା ସମୟରେ ବଇଣ୍ଠା ଅଞ୍ଚଳରେ ଅବାଧ ମଦ କାରବାର ହେଉଥିବା ଯୋଗୁଁ ବଇଣ୍ଠା ଠାରେ ଥିବା ବିଦେଶୀ ମଦ ଦୋକାନ ଓ ଦେଶୀ ମଦ ଦୋକାନକୁ ସମ୍ପୂର୍ଣ୍ଣ ୫ ଦିନ ବନ୍ଦକରିବା ପାଇଁ ବଇଣ୍ଠା ଚନ୍ଦନ ଯାତ୍ରା କମିଟି ପକ୍ଷରୁ ଦାବି ହୋଇଛି। ଏ ନେଇ ସୋମବାର ବଇଣ୍ଠା ଅବକାରୀ ଉପନିରୀକ୍ଷକ ଗାୟତ୍ରୀ ମାଝୀଙ୍କ ଜରିଆରେ ଅନୁଗୋଳ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କୁ ଏକ ଦାବିପତ୍ର ଅର୍ପଣ କରାଯାଇଛି। କମିଟି ପକ୍ଷରୁ କୁହାଯାଇଛି ଯେ, କିଛିଦିନ ହେବ ଏହି ଅଞ୍ଚଳରେ ନିର୍ବାଚନ ସରିଛି। ବଇଣ୍ଠା ଅଞ୍ଚଳ ଶାନ୍ତିପୂର୍ଣ୍ଣ ଅଞ୍ଚଳ ଭାବରେ ପରିଚିତ ଥିବା ବେଳେ ଚନ୍ଦନ ଯାତ୍ରାଟି କିଭଳି ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହେବ, ଏ ନେଇ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ହେଲେ ଏଥିରେ ଚୋରା ମଦ କାରବାର ବାଧକ ସାଜିଛି। ବଇଣ୍ଠା ଅଞ୍ଚଳରେ ଥିବା ଦେଶୀ ଓ ବିଦେଶୀ ମଦ ବ୍ୟବସାୟୀମାନେ ନିଜର ବ୍ୟବସାୟ ବୃଦ୍ଧିକରିବା ପାଇଁ ବ୍ୟାପକ ଗ୍ରାମାଞ୍ଚଳକୁ ଚାଲାଣ କରିବା ସହ ଏଠାରେ ବିକ୍ରି କରୁଛନ୍ତି। ଅନେକ ମହିଳା, ଝିଅ, ଯୁବତୀ, ଛାତ୍ରୀମାନେ ଏହି ଯାତ୍ରା ଦେଖିବାକୁ ଆସୁଥିବା ବେଳେ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ୫ ଦିନ ମଦ ବିକ୍ରି ଏହି ଅଞ୍ଚଳରେ ସମ୍ପୂର୍ଣ୍ଣ ବନ୍ଦକରିବା ପାଇଁ ଦାବି କରାଯାଇଛି। ମଦ ଦୋକାନ ଗୁଡିକ ବନ୍ଦ କରା ନଗଲେ ଆଗାମୀ ଦିନରେ ଯାହା ବିଶୃଙ୍ଖଳା ସୃଷ୍ଟି ହେବ, ସେଥିପାଇଁ ଜିଲ୍ଲା ଅବକାରୀ ବିଭାଗ ଦାୟୀ ରହିବ ବୋଲି କମିଟି ପକ୍ଷରୁ ଚେତାବନୀ ଦେଇଛନ୍ତି।

■ ସାମ୍ବାଦିକ ରଘୁଙ୍କ ସ୍ମୃତିରେ ରକ୍ତଦାନ

## ୩୦ ୟୁନିଟ୍ ରକ୍ତ ସଂଗୃହୀତ

**ଅନୁଗୋଳ, ୨୮ ।୫(ସମିସ):** ଯୁବ ସାମ୍ବାଦିକ ରଘୁନାଥ ସାହୁଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକ ଅବସରରେ ଅନୁଗୋଳ ରକ୍ତଦାନ ଭବନଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଯୁବା ବୟସରେ ଗଣମାଧ୍ୟମ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିଲା ରଘୁଙ୍କର। ଖବର ସଂଗ୍ରହ ତଥା ପ୍ରସାରଣରେ ସେ ସବୁବେଳେ ଆଗ ଧାଡ଼ିରେ ରହିଆସୁଥିବା କଥା କହନ୍ତି ତାଙ୍କ ସାଥୀ ସାମ୍ବାଦିକମାନେ। ବିଶେଷ କରି ପୁରପଲ୍ଲୀର ଖବର ସଂଗ୍ରହ ସହିତ ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ସମସ୍ୟା ଭିତ୍ତିକ ଖବର ଲୋକଲୋଚନକୁ ଆଣିପାରୁଥିଲେ। ପ୍ରତ୍ୟେକ ଶ୍ରାଦ୍ଧ ବାର୍ଷିକରେ ତାଙ୍କ ସ୍ମୃତିଚାରଣ ନିମନ୍ତେ ଏହି ଦିନକୁ ରକ୍ତଦାନ ଶିବିର ମାଧ୍ୟମରେ ଉତ୍ସର୍ଗୀକୃତ କରାଯାଉଅଛି। ସାମ୍ବାଦିକ ସ୍ୱର୍ଗତ ରଘୁନାଥ ସାହୁ ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟ କରିଥିବା ବେଳେ ଅନ୍ତିମ ସମୟରେ ଜି- ଟିଭି ଓଡ଼ିଆର ପ୍ରତିନିଧି ଭାବେ କାର୍ଯ୍ୟରତ ଥିଲେ। ଏହି ରକ୍ତଦାନ ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଓ ଟାମଡ଼ାର ପୂର୍ବତନ ଅଧକ୍ଷ ତଥା ପୂର୍ବତନ ପୌରାଧକ୍ଷ ଶକ୍ତି ପ୍ରସାଦ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କ ଉତ୍ସାହିତ କରିଥିଲେ। ଏହି ଶିବିରକୁ ସାମାଜିକ କର୍ମୀ ପର୍ଶୁରାମ ଦାସ, ପ୍ରତାପ ମହାପାତ୍ର, ମହେଶ ଭୋମରାଜ, ଅଦ୍ୟଶ୍ଲୋକ ମିଶ୍ର, ବରିଷ୍ଠ ଓକିଲ ଭୁପେଶ ପ୍ରଧାନ, ସାମ୍ବାଦିକ ଜୟନ୍ତ କର, ସୌମ୍ୟ ରଞ୍ଜନ ଦାଶ, ଅମିତ ସାମଲ, ଲିଟୁନ ସାହୁ, ଦେବ ରଞ୍ଜନ ସାମଲ, ସୁଶାନ୍ତ ସେଠୀ, ସମରେଶ ନାଥ ଆଦି ସହଯୋଗ କରିଥିଲେ।



## ଶାକୋସିଂହା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଶତପ୍ରତିଶତ ସଫଳତା

■ ଦୀର୍ଘଦିନ ହେଲା ସରକାରୀ ଅନୁଦାନରୁ ବଞ୍ଚିତ ସ୍କୁଲ



**ଅନୁଗୋଳ, ୨୮ ।୫(ସମିସ):** ପ୍ରକାଶିତ ମାଟ୍ରିକ୍ ପରୀକ୍ଷା ଫଳରେ ଅନୁଗୋଳ ସହର ଉପକଣ୍ଠ ଶାକୋସିଂହା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ପାଇଛନ୍ତି। ଏଥିପାଇଁ ଗ୍ରାମବାସୀ, ସ୍କୁଲ ଶିକ୍ଷା କମିଟି, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ସବୁଠୁ ବଡ଼କଥା ହେଲା ଏହି ସ୍କୁଲଟି ଦୀର୍ଘ ୩୦ ବର୍ଷ ହେଲା ଅବସ୍ଥାପିତ ହୋଇ ଥିଲେ ମଧ୍ୟ କାହାର ଦୃଷ୍ଟିରେ ପଡ଼ିନାହିଁ। ଶିକ୍ଷକ, ଶିକ୍ଷୟିତ୍ରୀମାନେ ମଧ୍ୟାହ୍ନରେ ଖାଇବାକୁ ଗଣ୍ଡେ ମଧ୍ୟ ପାଉନାହାନ୍ତି। ଦୀର୍ଘଦିନ ହେଲା ଅପେକ୍ଷା କରି ସ୍କୁଲ ପ୍ରତି ଅସ୍ଥା ହରାଇ ସାରିଲେଣି। ଗ୍ରାମରେ ଥିବା ଗରିବ ଆଦିବାସୀ ପିଲାମାନେ ସରକାରଙ୍କ ପ୍ରଦତ୍ତ ଥିବା ଡ୍ରେସ୍, ଓ ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ। ଦୀର୍ଘଦିନ ହେଲା ସ୍କୁଲଟି ସରକାରୀ ଅନୁଦାନରୁ ବଞ୍ଚିତ ଥିବାରୁ ଗ୍ରାମବାସୀ ତଥା ପରିଚାଳନା କମିଟିର ସଦସ୍ୟମାନେ ସ୍କୁଲକୁ ଚଳାଇବା ଅସମ୍ଭବ ହୋଇପଡ଼ିଛି। ଯଦି ଆଗାମୀ ଦିନରେ ଏହି ସ୍କୁଲକୁ ଦୃଷ୍ଟି ନ ଦିଅନ୍ତି, ତାହେଲେ ଗ୍ରାମରେ ଥିବା ଗରିବ ଆଦିବାସୀ, ହରିଜନ ପିଲାଙ୍କ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

## ରକ୍ତଲେଇ ଉଚ୍ଚ ବିଦ୍ୟାଳୟକୁ ପ୍ରଥମ ଏ-୧ ସଫଳତା

● ସୌରଭ ରାଉତଙ୍କୁ ଶୁଭେଚ୍ଛାର ସୁଅ

**ଅନୁଗୋଳ, ୨୮ ।୫(ସମିସ):** ଅନୁଗୋଳ ବ୍ଲକ ରକ୍ତଲେଇ ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ଚଳିତ ବର୍ଷ ୯୭% ଛାତ୍ରଛାତ୍ରୀ ପାସ୍ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି। ସେହିପରି ବିଦ୍ୟାଳୟ ପ୍ରତିଷ୍ଠା ଦିନଠାରୁ ଏପର୍ଯ୍ୟନ୍ତ କୌଣସି ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖି ନଥିଲେ। ୩୪ ବର୍ଷ ପରେ ଏହି ବିଦ୍ୟାଳୟର ଛାତ୍ର ସୌରଭ ରାଉତ ଏହି ରେକର୍ଡକୁ ଭାଙ୍ଗିଛନ୍ତି। ସେ ଚଳିତ ମାଟ୍ରିକ ପରୀକ୍ଷାରେ ୫୫୨ ଅର୍ଥାତ ୯୨% ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ତେବେ ଏ- ୱାନ୍' ପାଇଥିବା ସୌରଭଙ୍କ ବାପାଙ୍କ ପରଲୋକ ହୋଇଯାଇଥିବା ବେଳେ ସେ ପିଲାଟି ଦିନରୁ ପରିଶ୍ରମୀ ଓ ଶାନ୍ତ, ସରଳ ସ୍ୱଭାବର ଥିଲେ। ସୌରଭଙ୍କ ଏହି ସଫଳତା ପାଇଁ ତାଙ୍କ ଘରକୁ ଶୁଭେଚ୍ଛାର ଶୁଅ ଛୁଟୁଛି। ସେହିପରି ବିଦ୍ୟାଳୟର ଶିକ୍ଷକମାନେ ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।






**ଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଭାସ୍କର ଚନ୍ଦ୍ର ମହାନ୍ତି**

ଆବିର୍ଭାବ: ୧୦.୦୪.୧୯୪୫
ତିରୋଧାନ: ୨୦.୦୫.୨୦୨୪
କଳିଙ୍ଗ ନଗର, ପାତ୍ରପଡା, ଭୁବନେଶ୍ୱର

ଆଜି ଏହି ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ପୁତ୍ର, ପୁତ୍ରବଧୂ କନ୍ୟା ଓ ଜ୍ୱାଇଁ
ଶୋକାଭିଭୂତ ବନ୍ଧୁ ଓ ପରିବାର ବର୍ଗ।

## ଏମ୍‌ସିଏଲ୍ ଜାଗାରେ ବେଆଇନ କୋଠାବାଡ଼ି ନିର୍ମାଣ

**ତାଳଚେର ସଦର ୨୮ ।୫(ସମିସ)**

ତାଳଚେର ଅଞ୍ଚଳରେ ଥିବା ଭୂତଳ କୋଇଲା ଖଣିରୁ କୋଇଲା ଉତ୍ତୋଳନ ପରେ ବାଲି ଭର୍ତ୍ତି କାର୍ଯ୍ୟ ଜାରି ରହିଛି ବୋଲି ଏମସିଏଲ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରଯାଇଛି। ଏମସିଏଲ ପକ୍ଷରୁ କୁହାଯାଇଛି ଯେ, ଦେଉଳବେଡ଼ା ଭୂତଳ କୋଇଲା ଖଣିର କୋଇଲା ଉତ୍ତୋଳନ କାର୍ଯ୍ୟ ୧୯ଜୁଲାଇ ୨୦୦୬ ଠାରୁ ବନ୍ଦ ହୋଇଥିଲେ ମଧ୍ୟ ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟର ନିର୍ଦ୍ଦେଶ ଅନୁଯାୟୀ ସେହିବର୍ଷ ଠାରୁ ପାଣି ସହିତ ବାଲି ଭର୍ତ୍ତି କାର୍ଯ୍ୟ ଜାରି ରହିଛି। ଖଣିର ମୁଖ୍ୟ ଦ୍ୱାର ବନ୍ଦ ହେବା କାରଣରୁ ବୋରିଂ କରାଯାଇ ହାଇଡ୍ରୋ ପ୍ରିମିଟିଭ୍ ପଦ୍ଧତିରେ ବାଲି ଭର୍ତ୍ତି କାର୍ଯ୍ୟ ଚାଲୁ ରହିଛି। ଏହି ପ୍ରକ୍ରିୟା ସମୟ ସାପେକ୍ଷ ବୋଲି କୁହାଯାଇଛି। ତେବେ ଦେଉଳବେଡ଼ା କୋଲିୟାରୀ ଅଞ୍ଚଳ, ଯେଉଁ ସବୁ ଜାଗାରେ ବାଲି ଭର୍ତ୍ତି କରାଯିବା ପରେ ସେହି ଜାଗା ଜବର ଦଖଲ କରି ସେଠାରେ ବିରାଟକାୟ ଅଟ୍ଟାଳିକା ତିଆରି କରାଯାଉଥିବା ଅଭିଯୋଗ ହେଉଛି। ଏହି ବିରାଟକାୟ ଅଟ୍ଟାଳିକାମାନ ଟ୍ରକ ମାଲିକ ସଂଘ ପଛପାଖରେ ଏମସିଏଲ ଜାଗାରେ ଛିଡ଼ା ହୋଇଥିବାରୁ ଏହାକୁ ନେଇ ଏବେ ଉଠୁଛି ପ୍ରଶ୍ନ। ଏହି ଗୃହ ନିର୍ମାଣ କିପରି ଓ କାହା ଅନୁମତିରେ ହେଉଛି ବୋଲି ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ତାଳଚେର ଅଞ୍ଚଳରେ ବିଭିନ୍ନ ଜାଗା ଓ ଘର ଦ୍ୱାର ରସାତଳଗାମୀ ହେବାର ସଂକେତ ଦେଉଛି। ତେବେ ଲୋକଙ୍କ ଧନଜୀବନ ସହ ଖେଳ ଖେଳାଯାଉଛି ବୋଲି ତୀବ୍ର ପ୍ରତିକ୍ରିୟା ପାଉଛି। ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଧାନବାଦ)ର ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ତାଳଚେର ସହର ମଧ୍ୟରେ ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ ନକରିବା ଏବଂ ସେହି ଭୂଗର୍ଭ ଫାଙ୍କା ସ୍ଥାନ ଗୁଡ଼ିକରେ ବାଲି ଭର୍ତ୍ତି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ଟାମଡ଼ା (ତାଳଚେର- ଅନୁଗୋଳ- ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ) ଖଣି ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ପରଠାରୁ ତାଳଚେର ସହରକୁ ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ କରିବାକୁ ବାରଣ କରାଯାଇଛି। ତେବେ ଏହାର ଦାୟିତ୍ୱ ତାଳଚେର ପୌର ପରିଷଦ ହାତରେ ଥିବାରୁ କିପରି ରେଡ୍ ଜୋନ ଅଞ୍ଚଳରେ ଏତେ ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ ହେଉଛି, ଯାହାକୁ ନେଇ ସନ୍ଦେହ ସୃଷ୍ଟି ହେବା ସହ ଆଗକୁ ବିପଦଗାମୀ ହେବାର ସଂକେତ ବୋଲି କୁହାଯାଉଛି। ଏମସିଏଲ ଜମିରେ ଏପରି ବେଆଇନ ଅଟାଳିକା ଖଣି କର୍ତ୍ତୃପକ୍ଷଙ୍କ ଜ୍ଞାତ ସାରରେ ହେଉଛି ବୋଲି କୁହାଯାଉଛି।



● ବେଆଇନ କାମରେ ରୋକ ଲାଗୁନି କାହିଁକି

● ଖଣି କର୍ତ୍ତୃପକ୍ଷଙ୍କ ସବୁ ଜାଣି ଅଜଣା



## ଦୁର୍ଘଟଣାରେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ମୃତ





**ଅନୁଗୋଳ, ୨୮।୫(ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୧୪୯ ବଡିସୁଆଁ ଛକ ନିକଟରେ ଆଜି ଅପରାହ୍ନରେ ଏକ ଟ୍ରକ, କାରକୁ ଧକ୍କାଦେବା ଫଳରେ ଘଟଣାସ୍ଥଳରେ କାର ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ଥାନୀୟ ଖମାର ଅଞ୍ଚଳର ପ୍ରସନ୍ନ ପ୍ରଧାନ। ସେ ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭାବେ କାର୍ଯ୍ୟରତ ଥିବା ଜଣାପଡିଛି। ନିଜ କାର୍ଯ୍ୟସ୍ଥଳରୁ ଘରକୁ ଫେରିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଘଟଣାସ୍ଥଳରେ ପାଲଲହଡ଼ା ପୁଲିସ ପହଞ୍ଚି ମୃତଦେହକୁ ବ୍ୟବଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ପରେ ଟ୍ରକଟି ଓଲଟି ପଡିଥିଲା।

## ଜଗନ୍ନାଥ କୋଇଲା ଖଣିରେ ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା

ତାଳଚେର ସଦର ୨୮।୫(ସମିସ)

ତାଳଚେର ଅଞ୍ଚଳରେ ଥିବା ୮ଟି କୋଇଲା ଖଣିରେ ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାକୁ ଲାଗିଛି। ଏପରି ଘଟଣା ଜଗନ୍ନାଥ କୋଇଲା ଖଣିରେ ଦେଖିବାକୁ ମିଳିଛି। ଏଠାରେ ଦିନ ଗୋଟାଏ ସମୟରେ ଶ୍ରମିକ ଡହ ଡହ ଖରାରେ କାମ କରୁଥିବା ଦେଖିବାକୁ ମିଳିଛି। ଏଠାରେ ଖଣି କର୍ତ୍ତୃପକ୍ଷ ସରକାରୀ ନିୟମକୁ ମାନୁ ନଥିବା କୁହାଯାଉଛି। କୋଇଲା ଖଣି ଅଞ୍ଚଳରେ ତାପମାତ୍ରା ୪୬ଡିଗ୍ରୀ ଉପରେ ରହୁଥିବା ବେଳେ ଶ୍ରମିକଙ୍କ ଜୀବନ ପ୍ରତି ଖେଳ ଖେଳାଯାଉଛି। ଏହାକୁ ନେଇ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ପ୍ରଶ୍ନ ଉଠାଇଛନ୍ତି। ଏହି କୋଇଲା ଖଣି ସୁରକ୍ଷା ବ୍ୟବସ୍ଥା ନ କହିବା ଭଲ। ଖଣି ଅଞ୍ଚଳରେ ଏପରିକି ଟ୍ରକ ଚାଳକ, ଲୋଡର ଅପରେଟରମାନେ, ସେଫ୍ଟି ବେଲ୍ଟ, ଜୋତା ଟୋପି ପିନ୍ଧୁ ନଥିବା ଦେଖିବାକୁ ମିଳିଛି। ଏଣୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବାରୁ ଏହାକୁ ନେଇ ଖଣି ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥାଏ। ଯଦ୍ୱାରା ଶ୍ରମିକମାନଙ୍କ ପ୍ରତି ଧ୍ୟାନ ନଦେବାରୁ ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଖଣି ସୁରକ୍ଷା ଅଧିକାରୀଙ୍କ ଅପାରଗତା ଯୋଗୁଁ କୋଇଲା ବିଭିନ୍ନ ଖଣି ଅଞ୍ଚଳରେ ଶ୍ରମିକମାନେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଅନେକ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା ବେଳେ ଅନେକ ଆହତ ହୋଇ ସଙ୍ଘର୍ଷ ଚଳାଇଛନ୍ତି। ଖଣି ଅଞ୍ଚଳ ଗୁଡିକରେ ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଏଠି ଶ୍ରମିକମାନେ ଜୀବନ ସୁରକ୍ଷିତ ମଣୁ ନାହାନ୍ତି। ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଶ୍ରମିକଙ୍କ ସୁରକ୍ଷା ପ୍ରତି ଦାବି କରାଯାଉଥିବା ବେଳେ ଖଣି କର୍ତ୍ତୃପକ୍ଷ ଓ ଖଣି ସୁରକ୍ଷା ଅଧିକାରୀ ଦୃଷ୍ଟି ଦେଉନାହାନ୍ତି ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଫଳରେ ଖଣିଗୁଡିକରେ ବାରମ୍ବାର ଏଭଳି ଦୁର୍ଘଟଣାମାନ ଘଟୁଛି ବୋଲି ଶ୍ରମିକମାନେ ପ୍ରକାଶ କରିଛନ୍ତି। ଏଣୁ ଖଣି ସୁରକ୍ଷା ଅଧିକାରୀ ଶ୍ରମିକଙ୍କ ପ୍ରତି ଯେତିକି ଧ୍ୟାନ ଦେବା କଥା ତାହା କରୁ ନଥିବା ଅଭିଯୋଗ ହେଉଛି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

● ପ୍ରଚଣ୍ଡ ଖରାରେ କାମ କରୁଛନ୍ତି ଶ୍ରମିକ







ଅନୁଗୋଳ ଶୈଳ ଶ୍ରୀକ୍ଷେତ୍ରରେ ମଦନମୋହନଙ୍କ ସହ ଭୂଦେବୀ ଶ୍ରୀଦେବୀଙ୍କ ଚାପଖେଳ (ଫଟୋ ଚିକୁ)

## +୨ ପରୀକ୍ଷାରେ ମାଲ୍ୟଗିରି ମହାବିଦ୍ୟାଳୟର ସଫଳତା

**ପାଲଲହଡ଼ା,୨୮।୫(ସମିସ):** ମାଲ୍ୟଗିରି ମହାବିଦ୍ୟାଳୟର +୨ ବାର୍ଷିକ ପରୀକ୍ଷା ଫଳ ପ୍ରକାଶିତ ପାଇଛି। କଳା ବିଭାଗରେ ୧୮୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୪% ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୧୯ ଜଣ, ଦ୍ୱିତୀୟରେ ୪୪ ଜଣ ଓ ତୃତୀୟ ଶ୍ରେଣୀରେ ୧୦୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ୧୨୩ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୬% ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୩୮ ଜଣ, ଦ୍ୱିତୀୟରେ ୫୧ ଜଣ ଓ ତୃତୀୟରେ ୨୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୫୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୮% ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୧ ଜଣ, ଦ୍ୱିତୀୟରେ ୧୩ ଜଣ ଓ ତୃତୀୟରେ ୩୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ବିଭାଗର ଛାତ୍ର ରୋହିତ କୁମାର ପ୍ରଧାନ ସର୍ବାଧିକ ୪୮୭ ନମ୍ବର, ବିଜ୍ଞାନରେ ଗୌତମ ମହାରଣା ସର୍ବୋଚ୍ଚ ୪୪୪ ନମ୍ବର ଏବଂ ବାଣିଜ୍ୟରେ ଛାତ୍ରୀ ସୁଚେତନା ନାୟକ ସର୍ବାଧିକ ୩୭୪ ନମ୍ବର ରଖି ମହାବିଦ୍ୟାଳୟ ପାଇଁ ସଫଳତା ଆଣିଛନ୍ତି।

## ଟାଟା କମ୍ପାନୀ କର୍ମଚାରୀ ନିଖୋଜ

**ବଅଁରପାଳ , ୨୮।୫(ସମିସ):** ବଅଁରପାଳ ଥାନା ଅନ୍ତର୍ଗତ ଗୋଟମାର ଗ୍ରାମର ଜଣେ ଟାଟା କମ୍ପାନୀ କର୍ମଚାରୀ ନିଖୋଜ ନେଇ ବଅଁରପାଳ ଥାନାରେ ଅଭିଯୋଗ କରିଛନ୍ତି ପରିବାର ଲୋକେ। ନିଖୋଜ ବ୍ୟକ୍ତି ଜଣକ ହେଲେ ନୟାଗଡ଼ ଜିଲ୍ଲା ରଣପୁର ଥାନା ଗୁଣ୍ଡୁରିଆ ଗ୍ରାମ ପଞ୍ଚାୟତର ଦାମୋଦର ଜେନାଙ୍କ ପୁଅ ବଟକୃଷ୍ଣ ଜେନା। ଆଜିକୁ ପ୍ରାୟ ପନ୍ଦର ବର୍ଷ ହେବ ସଲିଳ ଜେନାଙ୍କୁ ବିବାହ କରି ଅନୁଗୋଳ ଜିଲ୍ଲାର ବଅଁରପାଳ ଅଞ୍ଚଳରେ ଭଡ଼ାରେ ରହି ଟାଟା କମ୍ପାନୀ ମେରାମଣ୍ଡଳିରେ କାମ କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ସ୍ତ୍ରୀ ସଲିଳଙ୍କ ଅଭିଯୋଗ ମୁତାବକ ଗତ ୨୩ ମେ ସକାଳ ପ୍ରାୟ ପାଞ୍ଚ ଘଟିକା ସମୟରେ କାରଖାନାକୁ ଡିଉଟି ଯିବାକୁ କହି ଘରୁ ବାହାରିଥିଲେ । କିନ୍ତୁ ସନ୍ଧ୍ୟା ହୋଇଯାଇଥିଲେ ସୁଦ୍ଧା ଘରକୁ ନ ଫେରିବାରୁ ସ୍ତ୍ରୀ ଓ ନିଜ ପରିବାର ଲୋକ କାରଖାନାଠାରୁ ଆରମ୍ଭ କରି ସାହି ପଡିଶା ସାଙ୍ଗ ସାଥୀଙ୍କ ଠାରେ ଖୋଜାଖୋଜି କଲା ପରେ ମଧ୍ୟ ବଟକୃଷ୍ଣଙ୍କ ସନ୍ଧାନ ପାଇ ନଥିଲେ। ଶେଷରେ ନିରୁପାୟ ହୋଇ ପରିବାର ଲୋକେ ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

● କାରଖାନାକୁ କାମ କରିବାକୁ ଯାଇଥିଲେ ବଟକୃଷ୍ଣ





## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଙ୍କ କୃତିତ୍ୱ



**ବଅଁରପାଳ ୨୮।୫(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୂର୍ବତନ ଛାତ୍ର ସ୍ୱାଭିମାନ ବିଶ୍ୱାଳ, ଶୁଭଙ୍କର ଗଡ଼ନାୟକ, ଜିତେନ ବେହେରା ପ୍ରାରମ୍ଭ ଶ୍ରେଣୀରେ ପାଠ ପଢ଼ା ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢିଥିଲେ। ପରବର୍ତ୍ତୀ ସମୟରେ ସ୍ଥାନୀୟ ବିଦ୍ୟାଳୟ ପି.ବି.କେ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ଅଧ୍ୟୟନ କରିଥିଲେ। ଚଳିତ ଶିକ୍ଷାବର୍ଷ ଦଶମ ପରୀକ୍ଷାରେ ୯୦% ରୁ ଅଧିକ ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବାରୁ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଭ୍ୟ, ଗୁରୁଜୀ ଗୁରୁମାଙ୍କ ତରଫରୁ ଶିଶୁମାନଙ୍କୁ ଶୁଭକାମନା ଓ ଅଭିନନ୍ଦନ ଜଣାଇଥିଲେ।

## ଯୁକ୍ତ ଦୁଇ ଫଳାଫଳରେ ଖମାର କଲେଜର ସଫଳତା



**ଖମାର, ୨୮।୫(ସମିସ):** ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର +୨ ବାର୍ଷିକ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। କଳା ବିଭାଗରେ ୩୬୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ୩୧୯ ଛାତ୍ରଛାତ୍ରୀ (୮୭%) ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମରେ ୩୫ ଜଣ, ଦ୍ୱିତୀୟରେ ୫୦ଜଣ ଓ ତୃତୀୟ ସ୍ଥାନରେ ୨୩୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ୨୦୯ ଛାତ୍ରଛାତ୍ରୀଙ୍କ ମଧ୍ୟରୁ୧୯୦ ଜଣ (୯୧ %) ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମରେ ୩୩ ଜଣ, ଦ୍ୱିତୀୟରେ ୭୨ ଜଣ ଓ ତୃତୀୟ ସ୍ଥାନରେ ୮୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ବିଭାଗର ଛାତ୍ରୀ ତୃପ୍ତିମୟୀ ବେହେରା ୪୯୧ ନମ୍ବର ଓ ବିଜ୍ଞାନ ବିଭାଗର ଛାତ୍ର ଦିବ୍ୟଶେଖର ବେହେରା ୫୦୦ ସର୍ବୋଚ୍ଚ ନମ୍ବର ରଖି କଲେଜ ପାଇଁ ଗୌରବ ଆଣିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଜୟଦେବ ବିଶ୍ୱାଳ ଉଭୟଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପାପସରା ଚନ୍ଦନ ଯାତ୍ରା ପାଳିତ

**ବଣ୍ଡା, ୨୮।୫(ସମିସ):** କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସରା ଗ୍ରାମରେ ସୋମବାର ପ୍ରସିଦ୍ଧ ପାପସରା ଚନ୍ଦନ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଭୁ ରାଧାକୃଷ୍ଣଙ୍କୁ ଏକ ବିମାନରେ ବସାଇ ପ୍ରଥମେ ଶୋଭାଯାତ୍ରା ମାଧ୍ୟମରେ ଯାତ୍ରା ପଡ଼ିଆକୁ ଅଣାଯାଇଥିଲା। ସେଠରେ ଯଥା ରୀତି ନୀତି ଅନୁସାରେ ପୂଜା କରାଯିବା ପରେ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରାଯାଇଥିଲା। ଗ୍ରାମର ପ୍ରତି ପରିବାରର ଘର ସାମ୍ନାରେ ପ୍ରଭୁ ରାଧାକୃଷ୍ଣଙ୍କୁ ଅଟକାଇ ପୂଜା କରାଯାଇଥିଲା। ପରେ ପୁଣି ଯାତ୍ରା ପଡିଆରୁ ଏକ ଶୋଭାଯାତ୍ରା ବାହାରିଥିଲା। ପ୍ରଭୁ ରାଧାକୃଷ୍ଣଙ୍କ ଶୋଭାଯାତ୍ରାରେ ଲଉଡ଼ି ଖେଳ, ଘଣ୍ଟବାଦ୍ୟ, ମହିଳା ସଙ୍କୀର୍ତ୍ତନ, ହାତୀ, ଘୋଡ଼ାନାଚ, ରାଜାରାଣୀ ନାଚ, ଫୁଲ ପନସା, ଦୁଲୁଦୁଲି ବାଦ୍ୟ, ଆତସବାଜି ସହ ଡିଜେ ସାଉଣ୍ଡର ତାଳେ ତାଳେ ଯୁବକମାନେ ନୃତ୍ୟ ପରିବେଷଣ କରିଥିଲେ। ମନୋରଂଜନ ପାଇଁ ଲିଟିଲ୍ ଷ୍ଟାର ମେଲୋଡି କାର୍ଯ୍ୟକ୍ରମ କରାଯାଇଥିଲା। ଯାତ୍ରା କମିଟି ପକ୍ଷରୁ ଯାତ୍ରା ପଡିଆ ବ୍ୟାପକ ସାଜସଜା କରାଯାଇଥିବା ବେଳେ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ପୂରା ଗାଁକୁ ଚୁମ୍ବକୀୟ ଲାଇଟ ମାଧ୍ୟମରେ ସାଜସଜା କରାଯାଇଥିଲା। ବିଦ୍ୟୁତ ବିଭାଗ ଦ୍ୱାରା ପଡିଆକୁ ଆଲୋକିକରଣ କରାଯାଇଥିଲା। ଏଥିରେ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ବେଳେ ହଣ୍ଡପା ଆଇଆଇସି ନମିତା ନାୟକଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ସୁରକ୍ଷା ଯୋଗାଇ ଦେଇଥିଲେ। ପାପସରା ଗ୍ରାମ ସଭାପତି ପ୍ରସନ୍ନ ସାହୁ, ସମ୍ପାଦକ ଦିବ୍ୟାଲୋଚନ ସାହୁ, ଦଳୀୟ ସଭାପତି ସୌଦାଗର ବେହେରା, ଧ୍ରୁବଚରଣ ପ୍ରଧାନ, ଟୁନା ସାହୁ, ଗଣେଶ ପ୍ରଧାନ, ରାଜକିଶୋର ପ୍ରଧାନ, ବିଜୟ ପ୍ରଧାନ, ରଣଜିତ୍ ପେଣ୍ଟେଇଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ।



## ଜିଲ୍ଲାସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ



ତାଳଚେର, ୨୮।୫(ସମିସ)

ତାଳଚେର ବ୍ଲକ ଭରତପୁର ରବିନ୍ଦ୍ର ଭାରତୀ କ୍ଲବ ପରିସରରେ ଚାଲିଥିବା ୧୨ତମ ଅନୁଗୋଳ ଜିଲ୍ଲା କିରୋଗି ଓ ୫ତମ ପୁମ୍ପସେ ତାଇକୋଣ୍ଡୋ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଅନୁଗୋଳ ଜିଲ୍ଲା ତାଇକୋଣ୍ଡୋ ସଂଘର ସମ୍ପାଦକ ପ୍ରମୋଦ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ତାଳଚେର ତାଇକୋଣ୍ଡୋ ଏକାଡେମୀର ୫୦ ପ୍ରତିଯୋଗୀ, ଦାନିସ୍ ତାଇକୋଣ୍ଡୋ ଏକାଡେମୀର ୧୫ ଜଣ ଓ ଇକୋ ରେଳୱେ ତାଇକୋଣ୍ଡୋ ଏକାଡେମୀର ୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ୧୫ତମ ତାଇକୋଣ୍ଡୋ କଲର ବେଲ୍ଟ ପରୀକ୍ଷାରେ ୪୦ରୁ ଉର୍ଦ୍ଧ୍ୱ ଖେଳାଳି ବିଭିନ୍ନ ରଙ୍ଗର ବେଲ୍ଟ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାରେ ହଳଦିଆ ବେଲ୍ଟରେ ୫ ଜଣ, ସବୁଜ ବେଲ୍ଟରେ ୫ ଜଣ, ସବୁଜ ଏକ ବେଲ୍ଟରେ ୫ ଜଣ, ନୀଳ ବେଲ୍ଟରେ ୫ ଜଣ, ନୀଳ ଏକ ବେଲ୍ଟରେ ୫ ଜଣ, ରେଡ୍ ବେଲ୍ଟରେ ୫ଜଣ, ରେଡ୍ ଏକ ବେଲ୍ଟରେ ୫ ଜଣ, କଳା ବେଲ୍ଟରେ ୮ ଜଣ ପ୍ରତିଯୋଗୀ ଉତ୍ତୀର୍ଣ୍ଣ ହୋଇଥିଲେ। ଏହି କଲର ବେଲ୍ଟ ପରୀକ୍ଷାରେ ଓଡିଶା ତାଇକୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଉପସ୍ଥିତ ରହି ପରିଚାଳନା କରିଥିଲେ। କିରୋଗି ପ୍ରତିଯୋଗିତାରେ ତାଳଚେର ତାଇକୋଣ୍ଡୋ ଏକାଡେମୀ ଚାମ୍ପିଅନ୍ ଓ ଦାନିସ୍ ତାଇକୋଣ୍ଡୋ ଏକାଡେମୀ ରନର୍ସ ଅପ୍ ଏବଂ ପୁମ୍ପସେ ପ୍ରତିଯୋଗିତାରେ ତାଳଚେର ତାଇକୋଣ୍ଡୋ ଏକାଡେମୀ ଚାମ୍ପିଅନ୍ ଓ ରେଳୱେ ତାଇକୋଣ୍ଡୋ ଏକାଡେମୀ ରନର୍ସ ଅପ୍ ହୋଇଥିଲେ। ଏହି ପ୍ରତିଯୋଗିତାର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଏମସିଏଲ୍ ଜଗନ୍ନାଥ କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ଏ.କେ ଦାସ, ସମ୍ମାନିତ ଅତିଥି ଭାବରେ ହିଙ୍ଗୁଳା କ୍ଷେତ୍ରର କାର୍ମିକ ଅଧିକାରୀ ଉଦିତ୍ କୁମାର ତାଣ୍ଟି, ଖଣି ଅଧିକାରୀ ଜଗନ୍ନାଥ ଶତପଥୀ, ସଞ୍ଜୟ କୁମାର ମଲ୍ଲିକ, ବିକାଶ ସାହୁ, ଓଡ଼ିଶା ତାଇକୋଣ୍ଡୋ ଆସୋସିଏନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଓ ଅନୁଗୋଳ ଜିଲ୍ଲା ତାଇକୋଣ୍ଡୋ ସଂଘର ସମ୍ପାଦକ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୋଚ୍ ସୁଶାନ୍ତ ପ୍ରଧାନ ଓ ପ୍ରଦୀପ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ତାଳଚେର ପ୍ରଜା ଆନ୍ଦୋଳନ ଓ ଇତିହାସ ପୁସ୍ତକ ଉନ୍ମୋଚିତ

**ତାଳଚେର, ୨୮।୫(ସମିସ):** ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଡ. ପ୍ରଶାନ୍ତ କୁମାର ରଥଙ୍କ ତାଳଚେର ପ୍ରଜା ଆନ୍ଦୋଳନ ଓ ତାଳଚେର ଇତିହାସ ଶୀର୍ଷକ ୨ଟି ଗ୍ରନ୍ଥ ଲୋକାର୍ପିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଜୟ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ପ୍ରଫେସର୍ ଡ. ଉମାକାନ୍ତ ଗଡ଼ନାୟକ, ଡ. ପବିତ୍ରମୋହନ ନନ୍ଦ, ଡ. ନୀଳମଣି ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇ ଗ୍ରନ୍ଥ ୨ଟିକୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ଶେଖର ଖଣ୍ଡୀରତ୍ନ, ମେଜର୍ ସୁବ୍ରତ କୁମାର ଦାସ, ଅଧ୍ୟାପିକା ଅପସନା ବେଗମ, ଅଧ୍ୟାପିକା ରାଜଶ୍ରୀ ବେଉରା, ଡ.. ଅମରେନ୍ଦ୍ର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ବିରଞ୍ଚି ନାରାୟଣ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ରଞ୍ଜିତ୍ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ସକାଳ THE SAKALA



www.sakalaepaper.com

## ଉଜ୍ଜ୍ୱଳା ଯୋଜନା ପ୍ରହସନରେ ପରିଣତ

# ଖତ ଖାଉଛି ଗ୍ୟାସ୍ ଟାଙ୍କି, ପୁଣି କାଠ ଚୁଲିକୁ ଭରସା

**ଢେଙ୍କାନାଳ,୨୮।୫ (ସମିସ):** ଢେଙ୍କାନାଳ ଜିଲ୍ଲାରେ ଗରୀବ ଲୋକଙ୍କ ପାଇଁ ଉଜ୍ଜ୍ୱଳା ଗ୍ୟାସ କିଣିବା ଏବେ କାଠିକାର ପାଠ ହୋଇଯାଇଛି। ଟଙ୍କା ନଥିବାରୁ ଘରେ ଗ୍ୟାସ ଟାଙ୍କି ଖତ ଖାଉଥିବା ବେଳେ ଲୋକମାନେ ପୁଣି ଥରେ କାଠ ଚୁଲିକୁ ଭରସା କରି ରୋଷେଇ କରୁଥିବା ଦେଖିବାକୁ ମିଳିଛି।



ଢେଙ୍କାନାଳ ଜିଲ୍ଲାରେ ୨୦୧୧ ଜନସଂଖ୍ୟା ଅନୁସାରେ ୧୧ଲକ୍ଷ ୯୨ ହଜାର୮୮୧ ଲୋକ ବସବାସର କରୁଥିବା ଜଣାପଡ଼ିଛି। ଜିଲ୍ଲାରେ ମୋଟ ୮ଟି ବ୍ଲକ ରହିଥିବା ବେଳେ ୨୧୨ଟି ଗ୍ରାମ ପଞ୍ଚାୟତ ଓ ୧ ହଜାର ୮୧ଟି ଗ୍ରାମ ରହିଛି। ଢେଙ୍କାନାଳ ପୌରାଞ୍ଚଳରେ ୪ ହଜାର ୯୫ ଆଦିବାସୀ ଓ ୧୧ ହଜାର ୧୦୫ ଜଣ ହରିଜନ ରହୁଥିବା ଜଣାପଡ଼ିଛି। ଜିଲ୍ଲାରେ ମୋଟ ୨ ଲକ୍ଷ ୩୪ ହଜାର ୭୯ ହରିଜନ ଲୋକ ବସବାସ କରୁଥିବା ବେଳେ ୧ଲକ୍ଷ ୬୨ ହଜାର ୫୬ ଆଦିବାସୀ ଲୋକ ବସବାସ କରୁଛନ୍ତି। ଏହା ସହିତ ଅନ୍ୟ ଗରୀବ ଲୋକମାନେ ମଧ୍ୟ ବସବାସ କରୁଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ମହିଳାମାନଙ୍କ ପାଇଁ ୨୦୧୬ ମଇ ମାସରେ ଉଜ୍ୱଳା ଗ୍ୟାସ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ମାଗଣାରେ ଜାଳେଣି ଗ୍ୟାସ ପାଇଁ ଉପଭୋକ୍ତାଙ୍କୁ ଗ୍ୟାସ ସଂଯୋଗ ମିଳିଥିଲା। ଏହି ଯୋଜନାରେ ଜିଲ୍ଲାରେ ଥିବା ଆଦିବାସୀ, ହରିଜନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅତିଶୟ ଗରୀବ, ଅନ୍ନପୂର୍ଣ୍ଣା ଅନ୍ତୋଦ୍ୟୟ ଯୋଜନା, ଚା ବଗିଚାରେ କାର୍ଯ୍ୟରତ ଶ୍ରମିକମାନଙ୍କ ସହିତ ବନବାସୀ ଗରୀବ ଲୋକମାନଙ୍କୁ ଗ୍ୟାସ ସଂଯୋଗ ପ୍ରଦାନ କରାଯାଇଥିଲା। ଢେଙ୍କାନାଳ ଜିଲ୍ଲାରେ ଉଜ୍ୱଳା ଯୋଜନାରେ ୮୬ ହଜାର ୭୪୮ ଗ୍ୟାସ ସଂଯୋଗ ସୁବିଧା ଯୋଗାଇ ଦିଆଯାଇ ଥିବା ଜଣାପଡ଼ିଛି। ଜଙ୍ଗଲ ନଷ୍ଟ ଏବଂ ଜାଳେଣି ସମସ୍ୟାକୁ ଦୂରେଇବା ପାଇଁ ସରକାର ଏହି ଯୋଜନା କରିଥିବା ବେଳେ ଏବେ ଏହା ଗରୀବଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ମାଗଣାରେ ଗ୍ୟାସ ପାଇବା ପାଇଁ ହେଲେ ପ୍ରଥମେ ୧୪.୫ କେଜି ଗ୍ୟାସ ପାଇଁ ୧୬ଶହ ଟଙ୍କା ଏବଂ ୫ କେଜି ପାଇଁ ୧୧ ଶହ ୫୦ ଟଙ୍କା ଡିପୋଜିଟ ସହିତ ୧ ହଜାର ୨୫୦ଟଙ୍କା ସୁରକ୍ଷା ପାଇଁ ଏବଂ ରେଗୁଲେଟର ପାଇଁ ୧୫୦ଟଙ୍କା, ହାଉସ ପାଇଁ ୧ଶହ ଟଙ୍କା ସହିତ କାର୍ଡ ପାଇଁ ୨୫ଟଙ୍କା ଦେବାକୁ ପଡୁଛି। ବଡ଼ ସମସ୍ୟା ହେଉଛି ଗ୍ୟାସ କିଣିବା ପାଇଁ ଗରୀବ ଲୋକମାନଙ୍କ ନିକଟରେ ଟଙ୍କା ନାହିଁ। ଗୋଟିଏ ଗ୍ୟାସ ସିଲିଣ୍ଡର କିଣିବା ପାଇଁ ଏକକାଳୀନ ୮୨୯ଟଙ୍କା ଯୋଗାଡ଼କରିବା କଷ୍ଟକର ହୋଇ ପଡୁଛି। ଫଳରେ ଗରୀବ ଲୋକମାନେ ଉଜ୍ୱଳା ଗ୍ୟାସରୁ ମୁହଁ ଫେରାଇବା ସହିତ ପାରମ୍ପରିକ ପଦ୍ଧତିରେ ଜାଳେଣି କାଠରେ ରୋଷେଇ କରୁଥିବା ଜଣାପଡ଼ିଛି। ୨୦୧୬ ମସିହାରେ ଆରମ୍ଭ ହୋଇଥିବା ଯୋଜନାରେ ସମୟରେ ଗ୍ୟାସ ଦର ମାତ୍ର ୪୫୦ଟଙ୍କା ରହିଥିବା ବେଳେ ବର୍ତ୍ତମାନ ଏହା ୯୨୮ଟଙ୍କା ୫୦ପଇସା ରହିଛି। କିନ୍ତୁ ନିର୍ବାଚନକୁ ଦୃଷ୍ଟିରେରଖି କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ଦରରେ ରିହାତି ଦେଇଛନ୍ତି। ଏହା ସତ୍ତ୍ୱେ ଗରୀବ ଲୋକମାନେ ଗ୍ୟାସ କିଣି ରୋଷେଇ କରିବା ସମ୍ଭବପର ହେଉନାହିଁ। ଗରିବ ଲୋକଟି ମୂଲ ମଜୁରୀ କରି ପେଟ ପୋଷୁଥିବା ବେଳେ ୯୨୮ଟଙ୍କା ଯୋଗାଡ଼ କରି ଗ୍ୟାସ କିଣିବା ସମ୍ଭବପର ହେଉନାହିଁ। ଏହି ଗ୍ୟାସ ପାଇଁ ସବସିଡି ପରେ ବ୍ୟାଙ୍କ ଖାତାକୁ ଆସୁଥିଲେ ମଧ୍ୟ ଏକକାଳୀନ ଜମା କରିବା ସମ୍ଭବ ହେଉ ନଥିବାର ଜଣାପଡ଼ିଛି। ଫଳରେ ଗ୍ୟାସ ସଂଯୋଗ ନେଇଥିବା ହଜାର ହଜାର ହିତାଧିକାରୀଙ୍କ ଘରେ ଉଜ୍ୱଳା ଗ୍ୟାସ ସଂଯୋଗ ଚୂଲା ଏବେ ବସ୍ତୁ ଭଳି ରହିଥିବା ଦେଖାଦେଇଛି। ବାରମ୍ବାର ଗ୍ୟାସଦର ବୃଦ୍ଧି ଯୋଗୁ ଉଜ୍ଜ୍ୱଳା ଯୋଜନା ଉପଭୋକ୍ତାଙ୍କ ପାଇଁ ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇଛି। ନିର୍ବାଚନ ପାଇଁ ଗ୍ୟାସ ଦରରେ ସାମାନ୍ୟ ହ୍ରାସ ହୋଇଥିଲେ ମଧ୍ୟ ତାହା ନିର୍ବାଚନ ପରେ ପୁଣି ବଢ଼ିବାର ଆଶଙ୍କା ରହିଛି।

# ଚୋରି ବାଇକ୍ ସହ ଜଣେ ଅଟକ

**ହିନ୍ଦୋଳ,୨୮।୫(ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ କିଛିଦିନ ତଳେ ଚୋରି ହୋଇଥିବା ଏକ ବାଇକ୍ ସହ ଯୁବକକୁ ଅଟକ ରଖାଯାଇଛି। ଗତ ମେ ୧୪ରେ ହିନ୍ଦୋଳ ଏନଏସି ୱାର୍ଡ ନଂ -୨ର ରାଜକୁମାର ରାଜଙ୍କ ଗ୍ଲାମର ବାଇକ୍( ଓଡି ୧୯ଏନ୧୫୬୬)କୁ ଅପରାହ୍ନରେ କେହି ଅଜଣା ଦୁର୍ବୃତ୍ତ ଚୋରିକରି ନେଇଯାଇଥିବା ତାଙ୍କ ବାପା ନିରୋଦ ରାଜ ହିନ୍ଦୋଳ ଥାନାରେ ଅଭିଯୋଗ କରିଥିଲେ। ସେହିଦିନ ଜଣେ ଅଜଣା ଯୁବକ ନିକଟରେ ଥିବା ଶନିଶ୍ଚର ମଣ୍ଡପରେ ଶୋଇଥିବା ସ୍ଥାନୀୟ କିଛି ବ୍ୟକ୍ତି ଦେଖିଥିଲେ ଓ ବାଇକ ଚୋରି ପରେ ଉକ୍ତ ଯୁବକ ମଧ୍ୟ ଉଭାନ ହୋଇଯାଇଥିଲା। ଏହି ଚୋର ବାଇକ ସହ ଯାଉଥିବା ଏକ ସିସିଟିଭି ଫୁଟେଜରେ ମଧ୍ୟ ଦେଖାଯାଇଥିଲା। ଏହି ଘଟଣାକୁ ହିନ୍ଦୋଳ ପୁଲିସ ତଦନ୍ତ କରୁଥିଲା। ଆଜି ବାଇକ ମାଲିକ ରାଜକୁମାରଙ୍କ ସାନଭାଇ ରାଘବେନ୍ଦ୍ର ରାଜ(କାଳିଆ) କୌଣସି କାମରେ ମହୀଧରପୁର ଅଞ୍ଚଳକୁ ଯାଇଥିବା ବେଳେ ସେହି ଛକ ନିକଟରେ ତାଙ୍କ ଭାଇର ଗାଡି ଦେଖି ଗାଡି ଚଳାଉଥିବା ଯୁବକକୁ ସ୍ଥାନୀୟ ଜନସାଧାରଣଙ୍କ ସହାୟତାରେ ଅଟକାଇ ହିନ୍ଦୋଳ ଥାନାରେ ସୂଚନା ଦେଇଥିଲେ। ଖବରପାଇ ହିନ୍ଦୋଳ ଥାନା ଅଧିକାରିଣୀ ଚାରୁଲତା ବେହେରା, ସହଯୋଗୀ ଅଧିକାରିଣୀ ରୀନା ସାହୁ ଓ ତାଙ୍କ ଷ୍ଟାଫ ସଦଳେବଳେ ସମ୍ପୃକ୍ତ ଯୁବକ ସହ ବାଇକକୁ ଥାନାକୁ ଆଣି ଅଟକ ରଖି ପଚରା ଉଚରା କରୁଛନ୍ତି। ଅଟକ ଥିବା ଯୁବକର ନାମ ଦିଲୁ ସାହୁ ଓ ତା ଘର ହିନ୍ଦୋଳ ଥାନା କଲଣ୍ଡା ପଞ୍ଚାୟତ ଅନ୍ତର୍ଗତ ବଙ୍ଗୁ ଗ୍ରାମରେ ବୋଲି ଜଣାପଡ଼ିଛି। ହିନ୍ଦୋଳ ପୁଲିସ ଥାନାରେ ଅଟକ ରଖି ଅଧିକ ତଦନ୍ତ କରୁଛି ଏବଂ ଅଟକ ଦିଲୁ ସାହୁ ଜଣେ ମାନସିକ ବିକୃତ ବୋଲି ଅଞ୍ଚଳବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ତଦନ୍ତ ପରେ ସମସ୍ତ ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ବୋଲି ହିନ୍ଦୋଳ ପୁଲିସ କହିଛି।





● ଢେଙ୍କାନାଳ ମହିଳା ମହାବିଦ୍ୟାଳୟ

# ବିଜ୍ଞାନରେ ଜସ୍ମିନ୍, କଳାରେ ଶୁଭସ୍ମିତା ଶ୍ରେଷ୍ଠ

**ଢେଙ୍କାନାଳ, ୨୮।୫(ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ସଫଳତା ପାଇଛି। ଚଳିତବର୍ଷ ବିଜ୍ଞାନରେ ୧୪୦ ଜଣ ଛାତ୍ରୀଙ୍କ ମଧ୍ୟରୁ ୬୫ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୪୨ ଜଣ ଦ୍ୱିତୀୟ ଓ ୭ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ବିଜ୍ଞାନରେ ଜସ୍ମିନ ବିଶ୍ୱାଳ ୪୯୮ ନମ୍ବର ରଖି କଲେଜରେ ଶ୍ରେଷ୍ଠ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୧୮ ଜଣଙ୍କ ମଧ୍ୟରୁ ୩ଜଣ ପ୍ରଥମ ଶ୍ରେଣୀ, ୪ ଜଣ ଦ୍ୱିତୀୟ ଶ୍ରେଣୀ ଓ ୪ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ବାଣିଜ୍ୟରେ କବିତା ସାହୁ ୪୮୦ ନମ୍ବର ରଖି ଟପ୍ପର ହୋଇଛନ୍ତି। କଳାରେ ମୋଟ ୧୩୨ ଜଣଙ୍କ ମଧ୍ୟରୁ ୫୮ଜଣ ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୩ଜଣ ଦ୍ୱିତୀୟ ଓ ୪୦ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। କଳାରେ ଶୁଭସ୍ମିତା ବେହେରା ଟପ୍ପର ହୋଇଛନ୍ତି। ଏହି ସଫଳତା ପାଇଁ କଲେଜ ଅଧ୍ୟକ୍ଷଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ




**ଢେଙ୍କାନାଳ, ୨୮।୫(ସମିସ):** ଟାଟା ଷ୍ଟିଲ ଫାଉଣ୍ଡେସନର ରିଜିଓନାଲ ଇନିସିଏଟିଭ ଫର ସେକ୍ସୁଆଲ ହେଲ୍ଥ ଫର ଟୁଡେଜ୍ ଆଡଲେନ୍ସ (ରିସ୍ତା) ଟିମ୍ ପକ୍ଷରୁ କଳାଙ୍ଗ ଗ୍ରାମ ପଞ୍ଚାୟତରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହେବା ସହିତ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଅନୁଷ୍ଠିତ ହୋଇଯାଇଛି। କିଶୋରୀ ଏବଂ ମା'ମାନଙ୍କ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ବିଷୟରେ ସଚେତନ କରିବା ଏହି ପଦକ୍ଷେପର ମୂଳଲକ୍ଷ। ମେ' ୨୮ ତାରିଖରେ ଋତୁସ୍ରାବ ସ୍ୱଚ୍ଛତା ଦିବସ ଏବଂ ଚଳିତ ବର୍ଷର ବିଷୟବସ୍ତୁ 'ଋତୁସ୍ରାବ ମିତବ୍ୟୟୀ ବିଶ୍ୱ ପାଇଁ ଏକତ୍ରିତ ହେବା ' ଶୀର୍ଷକ ରଖାଯାଉଛି। ଏହି କାର୍ଯ୍ୟକ୍ରମ ସୁରକ୍ଷିତ ଋତୁସ୍ରାବ ଏବଂ ଏହାର ପରିଚାଳନା ଉପରେ ଗୁରୁତ୍ୱାରୋପ ପ୍ରଦାନ କରୁଛି। ଏହି ସଚେତନତା ଅଧିବେଶନରେ କଳାଙ୍ଗ ଗ୍ରାମ ପଞ୍ଚାୟତର ୧୦ରୁ ୧୯ ବର୍ଷର ବାଳିକା ଏବଂ ମା' ମାନେ, ଅଙ୍ଗନବାଡ଼ି କର୍ମୀ, ଆଶା, ଏଏନଏମ୍ ଏବଂ ସୁପରଭାଇଜରଙ୍କ ସମେତ ୭୦ ଜଣ ଅଂଶଗ୍ରହଣ କରିଥିଲେ। ରିସ୍ତାରେ ଯୋଗଦେବା ପରେ ଋତୁପର୍ଣ୍ଣା ନାୟକ ଓ ମନୀଷା ନାୟକଙ୍କ ଭଳି ଯୁବ ପରିବର୍ତ୍ତନକାରୀ ନିଜର ଅନୁଭୂତି ପ୍ରକାଶ କରିଥିଲେ, ଯାହା ସେମାନଙ୍କ ଅଞ୍ଚଳର ଅନ୍ୟ ମହିଳାମାନଙ୍କୁ ପ୍ରଭାବିତ କରିପାରିଛି। ଟାଟା ଷ୍ଟିଲର ବିଭିନ୍ନ ସ୍ଥାନରେ ଥିବା କାର୍ଯ୍ୟକ୍ଷମ ପ୍ଲାଣ୍ଟ ପାଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରେ ରିସ୍ତା ପ୍ରକଳ୍ପ ଦ୍ୱାରା କିଶୋର ଓ ଯୁବ ଦମ୍ପତିମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷିତ କରାଯାଉଛି, ଯେଉଁମାନେ ଏହି ସ୍ୱାସ୍ଥ୍ୟସେବା ଅଭିଯାନକୁ ଆଗକୁ ନେଇପାରିବେ। ଏହାର ଉଦ୍ଦେଶ୍ୟ ହେଉଛି କିଶୋରୀମାନଙ୍କର ସ୍ୱାସ୍ଥ୍ୟସେବା ସମସ୍ୟା ବିଶେଷକରି ପ୍ରଜନନ ଏବଂ ଯୌନସ୍ୱାସ୍ଥ୍ୟ, ଯାହା ଫଳରେ ବିବାହ ବୟସ ବିଳମ୍ବିତ ହୋଇଥାଏ ତାହାର ସମାଧାନ କରିବା ଏବଂ ଯୁବପିଢ଼ିଙ୍କୁ ନେତୃତ୍ୱ ଶିବିର ଅନୁଭୂତି ପ୍ରଦାନ କରିବା ଏବଂ ଅନ୍ୟାନ୍ୟ ଜୀବନ-କୌଶଳ ନିୟୋଜନ ଅନୁଭବ କରିବାକୁ ସକ୍ଷମ କରିବା ସହ ସେମାନଙ୍କୁ ଜୀବନରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ସଶକ୍ତ କରିବ।

# ଓଷ୍ଟା ପକ୍ଷରୁ ଏ-୧ ଗ୍ରେଡ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଢେଙ୍କାନାଳ,୨୮।୫(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକର ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଚଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଏ -୧ ଗ୍ରେଡରେ କୃତକାର୍ଯ୍ୟ ହୋଇଥିବା ୧୨ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବ୍ଲକ ଓଷ୍ଟା କାର୍ଯ୍ୟକାରୀ ସଭାପତି ପ୍ରବୋଧ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। କାମାକ୍ଷାନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆତ୍ମ ବିଶ୍ୱାସର ସହ ନିଜର ଜ୍ଞାନକୁ ପରିବ୍ୟାପ୍ତ କରି ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ପାଦକ ଗଜେନ୍ଦ୍ର ମୁମାର ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀରାମ ରାଉତ ସମସ୍ତଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ରୂପେ ଏବିଇଓ କୃଷ୍ଣଚନ୍ଦ୍ର ଭୋଇ, ଓଷ୍ଟା ଆଜୀବନ ସଦସ୍ୟ ପ୍ରମୋଦ କୁମାର ମିଶ୍ର, ବ୍ଲକ ନୋଡାଲ ଅଧିକାରୀ ସୁରେନ୍ଦ୍ର କୁମାର ବେହେରା ଯୋଗ ଦେଇଥିଲେ। ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରଛାତ୍ରୀମାନେ ହେଲେ କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ପ୍ରଥମେଶ ସାହୁ, ସିପ୍ରା ସାଗରିକା ପୃଷ୍ଟି, ଆକାଂକ୍ଷା ଅକସ୍ମିତା ମହାଲିକ, ସ୍ୱଙ୍ଗ ଶ୍ରୀତମ ବାରିକ, ଅନନ୍ୟା ରାଉତ, ସୋମ୍ୟରଞ୍ଜନ ଖିଲାର, କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କିରଣ କସ୍ତୁରୀକା ସାହୁ, ଓମପ୍ରଭା ନାୟକ, ଦୀପ୍ତିମୟୀ ମହାନ୍ତି, ବିସ୍ମୟ କେଶରୀ ପ୍ରଧାନ, ଓମ ପ୍ରକାଶ ନାୟକ ଓ ବୁଢ଼ିବିଲି ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟର ସୁପ୍ରିୟା ବେହେରା। ଓଷ୍ଟାର କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ନୃସିଂହ ଚରଣ ମଲ୍ଲିକ, ଧ୍ରୁବଚରଣ ସୁନ୍ଦରାୟ, ରାକେଶ କୁମାର ବେହୁରା, ଦୁର୍ଗାପ୍ରସାଦ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଅଭିଭାବକଙ୍କ ସହ ଶିକ୍ଷକ ଓ ଶିକ୍ଷୟିତ୍ରୀବୃନ୍ଦ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର





**ହିନ୍ଦୋଳ, ୨୮।୫(ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ହାତୀ ସମସ୍ୟା ଦିନକୁଦିନ ଏକ ଜଟିଳ ସମସ୍ୟା ରୂପେ ଛିଡ଼ା ହେଲାଣି। ହାତୀ ମଣିଷ ଲଢ଼େଇରେ ପ୍ରତିଦିନ ମଣିଷ ମରିବା ଓ ଆହତ ହେବା ନିତିଦିନିଆ ଘଟଣାରେ ପରିଣତ ହୋଇଥିଲେ ମଧ୍ୟ ଢେଙ୍କାନାଳ ଓ ହିନ୍ଦୋଳ ବନ ବିଭାଗର ପରବାୟ ନାହିଁ। ଆଜି ମଧ୍ୟ ଏକ ଅଭାବନୀୟ ଘଟଣାରେ ହାତୀ ଆକ୍ରମଣରେ ଜଣେ ଆହତ ହୋଇଛନ୍ତି। ହିନ୍ଦୋଳ ଏନଏସିର ୱାର୍ଡ ନଂ -୬ ଶରଧାପୁର ଗ୍ରାମର ବିନୋଦ ବେହେରା (୭୦) ଘର ନିକଟସ୍ଥ ଏକ ବଗିଚା ପାଖକୁ ସକାଳେ ଯାଇଥିବା ବେଳେ ପୂର୍ବରୁ ସେଠାରେ ଥିବା ଏକ ବଣୁଆ ଦନ୍ତା ହାତୀ ସହ ମୁହାଁମୁହିଁ ହେବାରୁ ହାତୀ ତାଙ୍କୁ ଶୁଣ୍ଢରେ କଚାଡ଼ି ଦେବା ସହ ଦାନ୍ତରେ ଭୂଷି ଦେଇଥିଲା। ଫଳରେ ବିନୋଦଙ୍କ ପେଟ ଚିରି ବଡ଼ କଣା ହୋଇଯିବା ସହ ଗୁରୁତର ଆହତ ହୋଇଥିଲେ। ଖବର ପାଇ ପରିବାର ଲୋକ ଗ୍ରାମବାସୀଙ୍କ ସହଯୋଗରେ ତାଙ୍କୁ ହିନ୍ଦୋଳ ମେଡିକାଲ ଆଣିଥିଲେ, ମାତ୍ର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଢେଙ୍କାନାଳ ଏବଂ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଖବର ପାଇ ବିନବିଭାଗ କର୍ମଚାରୀ ପହଞ୍ଚି ଆବଶ୍ୟକ ଚିକିତ୍ସା ଓ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ହିନ୍ଦୋଳ ଏନଏସି ଟାଉନକୁ ଲାଗି ଚାରିପଟେ ବଣୁଆ ହାତୀ ରହିଥିବାରୁ ଏନଏସି ବାସୀ ଭୟରେ ପଦାକୁ ବାହାରୁ ନାହାନ୍ତି କିମ୍ବା ଟାଉନ ବାହାରକୁ ଯିବାକୁ ଭୟ କରୁଛନ୍ତି।

# ମାଟ୍ରିକ୍‌ରେ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟର ସଫଳତା

**ଢେଙ୍କାନାଳ, ୨୮।୫(ସମିସ):** ଚଳିତ ବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଶତାୟୁ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଓଡ଼ିଶାର ପାସ୍ ହାର ଶତକଡ଼ା ୯୬.୦୭ ଓ ଢେଙ୍କାନାଳ ଜିଲ୍ଲାର ପାସ୍ ହାର ଶତକଡ଼ା ୯୫.୧୨ ହୋଇଥିବା ବେଳେ ଏହି ବିଦ୍ୟାଳୟ ପଞ୍ଜୀକରଣ କରି ପରୀକ୍ଷା ଦେଇଥିବା ମୋଟ ୧୬୬ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମୋଟ ୧୬୩ ଜଣ ଉତ୍ତୀର୍ଣ୍ଣ ହୋଇପାରିଛନ୍ତି ଓ ମୋଟ ପାସ୍ ହାର ଶତକଡ଼ା ୯୮.୧୯ ହୋଇପାରିଛି। ସେଥିମଧ୍ୟରୁ ଏ -ୱାନ୍ ଗ୍ରେଡ୍ ରେ ୧ ଜଣ, ଏ -ଟୁ ଗ୍ରେଡ୍ ରେ ୬ ଜଣ, ବି-ୱାନ୍ ଗ୍ରେଡ୍ ରେ ୧୦ ଜଣ, ବି -ଟୁ ଗ୍ରେଡ୍ ରେ ୨୬ ଜଣ, ସି -ଗ୍ରେଡ୍ ରେ ୪୪ ଜଣ, ଡି- ଗ୍ରେଡ୍ ରେ ୩୬ ଜଣ ଓ ଇ-ଗ୍ରେଡ୍ ରେ ୪୦ ଜଣ କୃତିତ୍ୱର ସହ ପାସ୍ କରିପାରିଛନ୍ତି। ସମସ୍ତ ଗ୍ରେଡଧାରୀ ଛାତ୍ରୀଛାତ୍ରମାନେ ସମ୍ମିଳିତ ଭାବରେ ନିଜ ନିଜର ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ବରିଷ୍ଠ ଶିକ୍ଷକ ଡା.ଦେବୀ ପ୍ରସାଦ ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ବୃନ୍ଦ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ବୃନ୍ଦ ଓ ନିଜ ନିଜର ପିତା ମାତା, ବନ୍ଧୁ ପରିଜନ ତଥା ଶୁଭେଚ୍ଛୁମାନଙ୍କୁ ଶ୍ରେୟ ଦେଇ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ବିଦ୍ୟାଳୟର ଦୁର୍ଗାପ୍ରସାଦ ମିଶ୍ର ଉଲ୍ଲେଖନୀୟ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଏ -ୱାନ ଗ୍ରେଡ୍ ପାଇବା ସହ ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଗତ ବିମଳ କିଶୋର ମିଶ୍ର ସ୍ମାରକୀ ଶ୍ରେଷ୍ଠ ଛାତ୍ର ସମ୍ମାନ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ବିଭୁକୃପା, ନିଜର କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ନିଜର ପିତାମାତା, ସମସ୍ତ ବନ୍ଧୁପରିଜନ ଓ ଶୁଭେଚ୍ଛୁମାନଙ୍କ ଉତ୍ସାହ ତଥା ପ୍ରେରଣାକୁ ଶ୍ରେୟ ଦେଇଛନ୍ତି। ନିଜର ଉତ୍ସର୍ଗୀକୃତ ଜୀବନରେ ଡାକ୍ତର ହୋଇ ସାମାଜରେ ସ୍ୱାସ୍ଥ୍ୟ ସେବାରେ ନିଜକୁ ନିୟୋଜିତ କରିବାକୁ ସେ ଦୃଢ଼ ଆଶାପୋଷଣ କରିଛନ୍ତି। ଦୁର୍ଗା ପ୍ରସାଦ ମିଶ୍ର ହେଉଛନ୍ତି ଢେଙ୍କାନାଳ ରାଇନରସିଂହପୁର ନିବାସୀ ରୋଜାଲିନ ମିଶ୍ର ଏବଂ ସିଦ୍ଧେଶ୍ୱର ମିଶ୍ରଙ୍କର ସୁଯୋଗ୍ୟ ସନ୍ତାନ।

● ଦୁର୍ଗାପ୍ରସାଦ ମିଶ୍ରଙ୍କୁ ଶ୍ରେଷ୍ଠ ଛାତ୍ର ସମ୍ମାନ



## ରାସ୍ତା ଦେଉଛି ନର୍କ ଯନ୍ତ୍ରଣା

# ଅସରାଏ ବର୍ଷାରେ ଆଣ୍ଠୁଏ କାଦୁଅ

**ଜଗତସିଂହପୁର, ୨୮।୫ (ସମିସ):**

ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ କାବଲପୁର ଗ୍ରାମବାସୀ ମାନେ ରାସ୍ତାକୁ ନେଇ ନର୍କ ଯନ୍ତ୍ରଣା ଭୋଗୁଥିବା ଅଭିଯୋଗ କରିଛନ୍ତି। ଏନେଇ ପ୍ରଶାସନର ଚିନ୍ତା ନଥିବା ସେମାନେ ପ୍ରକାଶ କରିଛନ୍ତି। ଅଧାପନ୍ତରିଆ କର୍ଦ୍ଦମାକ୍ତ ରାସ୍ତାରେ ଲୋକଙ୍କ ଯାତାୟାତ ଠପ୍ ହୋଇ ପଡ଼ିଥିବା ସମୟରେ ପ୍ରାୟ ଦେଢକିଲୋମିଟର ରାସ୍ତାରେ ପ୍ରତିଦିନ ଚଳପ୍ରଚଳ ହେବା ସେମାନଙ୍କ ପାଇଁ ଦୁର୍ବିସହ ହୋଇପଡିଛି ବୋଲି ଗ୍ରାମର ଲୋକମାନେ ପ୍ରକାଶ କରିଛନ୍ତି।

ଏହି ବ୍ଲକ ଅନ୍ତର୍ଗତ ମୂଳିସିଂହ ପଞ୍ଚାୟତର ବାଘୁଆବାରି ରେଲୱେ ଲେବଲ୍‌କ୍ରସିଂ ନିକଟ ୧୨ ନମ୍ବର ସି ବ୍ରାଞ୍ଚ କେନାଲର ପ୍ରାୟ ଦେଢ କିଲୋମିଟର ରାସ୍ତାର ଦୁର୍ଗତି ସ୍ୱଚକ୍ଷୁରେ ନଦେଖିଲେ ବିଶ୍ୱାସ କରିହେବନାହିଁ। କେନାଲ ଶଯ୍ୟାର ଉନ୍ନତିକରଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ନାଳବନ୍ଧ ସଂଯୋଗୀକରଣ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ମାଣ କରୁଛି। ତେବେ ରାସ୍ତାକୁ ଉଚ୍ଚା ଓ ପ୍ରଶସ୍ତ କରିବା ନିମନ୍ତେ ବିଲରୁ ମାଟି ଆଣି ପକାଯାଇଛି। ଠିକ ସମୟରେ କାମ ଶେଷହୋଇ ନଥିବାରୁ ସାମାନ୍ୟ ବର୍ଷାରେ ରାସ୍ତା କର୍ଦ୍ଦମାକ୍ତ ଓ ଖସଡ଼ା ହେବା ଫଳରେ ଯାତାୟାତରେ ନାନା ସମସ୍ୟା ଦେଖା ଦେଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ଠିକାଦାର ବେପରୁଆ ଭାବେ ଏହି ରାସ୍ତା କାମକୁ ଅଧାପନ୍ତରିଆ କରି ଛାଡ଼ି ଚାଲି ଯାଇଥିବାରୁ ଲୋକେ ଯମଯନ୍ତ୍ରଣା ଭୋଗୁଛନ୍ତି। ଏବେ ଅସରାଏ ବର୍ଷାରେ ଏହି ଅବସ୍ଥା ହୋଇଥିବା ସମୟରେ ଆଗକୁ ବର୍ଷା ଋତୁ ଆସୁଥିବାରୁ ଲୋକମାନେ ଏହି ଗାଁରୁ ବାହାରିବା କଷ୍ଟସାଧ ହୋଇ ପଡ଼ିବ। ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ, ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ନଦେଲେ ଗାଁର ଲୋକମାନେ ବାଧ ହୋଇ ଆନ୍ଦୋଳନ କରିବେ ବୋଲି କାବଲପୁର ଗ୍ରାମବାସୀ ଚେତାବନୀ ଶୁଣାଇଛନ୍ତି।



ଅଧା କାମ କରି ଠିକାଦାର ଛୁ'

## ବାମଦେଇପୁରରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ



**ଏରସମା,୨୮।୫(ସମିସ):** ଏରସମା ବ୍ଲକ୍ ଅନ୍ତର୍ଗତ ବାମଦେଇପୁର ପଞ୍ଚାୟତରେ ବିଜେଡି କାର୍ଯ୍ୟାଳୟ ଉଦଘାଟିତ ହୋଇଛି।ସରପଞ୍ଚ ବୈଜୟନ୍ତୀ ମହାନ୍ତି ଦଳୀୟ କାର୍ଯ୍ୟାଳୟକୁ ଉଦଘାଟନ କରିଛନ୍ତି।ଉତ୍ସବରେ ଜିଲ୍ଲା ବିଜେଡି ସମ୍ପାଦକ ଦୀନବନ୍ଧୁ ନାୟକ,୪ ନଂ ଜୋନ୍ ବିଜେଡି ପର୍ଯ୍ୟବେକ୍ଷକ ଦୀପ୍ତି ରଞ୍ଜନ କୁଅଁର, ପୂର୍ବତନ ସମିତି ସଭ୍ୟ ହରିହର ଲିଙ୍ଗରାଜ ମହାନ୍ତି,ପୂର୍ବତନ ସରପଞ୍ଚ ପ୍ରଦାୟନି ମହାନ୍ତି,ମହିଳା ବିଜେଡି ସଭାନେତ୍ରୀ ଶାନ୍ତିଲତା ମଲ୍ଲିକ, ଜ୍ୟୋତି ପ୍ରକାଶ ମହାନ୍ତି ଓ ସୁଧାଂଶୁ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।ଏହି ଅବସରରେ ସରପଞ୍ଚ ଶ୍ରୀମତୀ ମହାନ୍ତିଙ୍କ ନେତୃତ୍ୱରେ ମଦନ ମହାନ୍ତି, କିଶୋର ସାମନ୍ତରାୟ,ମକର ପାତ୍ର, ନାରାୟଣ ପାତ୍ର,କାଳନ୍ଦୀ ସ୍ୱାଇଁ,ଦିଲ୍ଲିପ ମଲ୍ଲିକ, ପ୍ରଦୀପ୍ ରାଉତ, ନିକୁଞ୍ଜ ମଲ୍ଲିକ ଓ ବାବୁରାମ ଦଳାଇ ପ୍ରମୁଖ ସମଗ୍ର ପଞ୍ଚାୟତର ଗାଁ ଗାଁ ବୁଲି ବିଜେଡି ବିଧାୟକ ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନାଙ୍କ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି।

## +୨ କଳା ଓ ବିଜ୍ଞାନରେ ତିର୍ତ୍ତୋଲ କଲେଜ ଛାତ୍ରଛାତ୍ରୀଙ୍କ ସଫଳତା

**ତିର୍ତ୍ତୋଲ,୨୮।୫(ସମିସ):** ଚଳିତ ବର୍ଷ ପ୍ରକାଶ ପାଇଥିବାର +୨ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ସଫଳତା ଲାଭ କରିଛନ୍ତି। କଳା ବିଭାଗରେ ଜିଲ୍ଲାସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ମହାବିଦ୍ୟାଳୟର ଅର୍ପିତା ପ୍ରିୟଦର୍ଶନୀ ବାୟକ(୫୩୧), ଅନୁରାଧା ଦାସ(୫୨୦) ଓ ଶୁଭଲକ୍ଷ୍ମୀ ପଣ୍ଡା(୫୧୭) ମାର୍କ ରଖି ସର୍ବୋଚ୍ଚ ସଫଳତା ଲାଭ କରିଛନ୍ତି। କଳା ବିଭାଗରେ ୯୬ଜଣ ପ୍ରଥମ ଶ୍ରେଣୀ, ୫୯ ଜଣ ଦ୍ୱିତୀୟ ଶ୍ରେଣୀ ଓ ୧୦୭ ଜଣ ତୃତୀୟ ଶ୍ରେଣୀ ହାସଲ କରିଛନ୍ତି। ବିଜ୍ଞାନ ବିଭାଗରେ ଆକାଶ ନାଥ ଶର୍ମା ୫୩୫ ମାର୍କ ରଖି ଜିଲ୍ଲାରେ ଟପ୍ପର ହୋଇଛନ୍ତି। କଲେଜସ୍ତରରେ ତାପସ ବେହେର (୫୧୫) ଓ ଶୁଭମ ସାହୁ ୫୧୪) ମାର୍କ ରଖି ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ବିଜ୍ଞାନ ବିଭାଗରେ ପ୍ରଥମ ଶ୍ରେଣୀରେ ୧୬୦ ଜଣ, ଦ୍ୱିତୀୟ ଶ୍ରେଣୀରେ ୬୮ ଜଣ ଓ ତୃତୀୟ ଶ୍ରେଣୀରେ ୧୧ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାଣିଜ୍ୟ ବିଭାଗରେ କଲେଜସ୍ତରରେ ସାମିଆ ଫାତିମା (୫୧୪) ପ୍ରଥମ, ରିମୁନି ମହାପାତ୍ର (୪୯୬) ଦ୍ୱିତୀୟ ଓ ଶୁଭଲକ୍ଷ୍ମୀ ଓଝା (୪୮୬) ତୃତୀୟ ହୋଇଛନ୍ତି। ବାଣିଜ୍ୟରେ ପ୍ଠରଥମ ଶ୍ରେଣୀରେ ୨୬, ଦ୍ୱିତୀୟଶ୍ରେଣୀରେ ୧୮, ତୃତୀୟଶ୍ରେଣୀରେ ୫୬ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ପରିଚାଳନା ସମିତି ସଭାପତି ବିମଳକାନ୍ତ ମହାପାତ୍ର, ଅଧ୍ୟକ୍ଷ ପ୍ରଫେସର ସଦାଶିବ ସାହୁ, ପ୍ରାଧ୍ୟାପକ ରନ ଦାସ,ପ୍ରାଧ୍ୟାପକ ଡ.ଦିପ୍ତିରେଣୁ ମହାନ୍ତି, ଅଧ୍ୟାପକ ନରେଶ ମହାପାତ୍ର, ଅଧ୍ୟାପକ କମଳାକାନ୍ତ ପଣ୍ଡା, ଅଧ୍ୟାପକ ଦୀପକ ସିଂହ, ଅଧ୍ୟାପକ ଡ.ଅଶୋକ କୁମାର ରାଉତ, ଡ.ସୁରନ ଲେଙ୍କା, ଆଶିଷ ରନ ମହାନ୍ତିଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଗଣ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଜଗନ୍ନାଥପୁରରେ ବିଜେଡି ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବାଲିକୁଦା,୨୮।୫(ସମିସ)**



ବାଲିକୁଦା ବ୍ଲକ ଅଢ଼ଙ୍ଗା ପଂଚାୟତ ଜଗନ୍ନାଥପୁରଠାରେ ବିଜେଡି ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଜିଲ୍ଲାପରିଷଦ ଜଟାଧାରୀ ଦାସ, ରାଜ୍ୟ ଯୁବ ସଂଗଠକ କମଳାକାନ୍ତ ମହାପାତ୍ର, ଜିଲ୍ଲା ବିଜେଡି ଉପଦେଷ୍ଟା ପ୍ରଫେସର ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଶ୍ରୀଯୁକ୍ତ ରାଉତ ଯୋଗ ଦେଇଥିବା କର୍ମୀମାନଙ୍କୁ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନା ବାବଦରେ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ସ୍ୱାଇଁ, ପବିତ୍ର ମୋହନ ସ୍ୱାଇଁ, କାଳନ୍ଦୀ ସ୍ୱାଇଁ, ସନ୍ତୋଷ ଦାସ, ପିପୁଲି ଦାସ, ଆର୍ତ୍ତ ଭୋଇ, ଶୈଳେନ୍ଦ୍ର ମହାନ୍ତି, ଅଜୁ ମନ୍ତ୍ରୀ, ସମନ ମହାନ୍ତି, ଦିଲ୍ଲୁ ପ୍ରସାଦ ପଲେଇ, ବାଦଲ ହେଣ୍ଡୀ ମାନସ ନାୟକଙ୍କ ସହ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଶ୍ରମ ଅଧିକାରୀଙ୍କ ନିକଟରେ କମ୍ପାନୀରୁ ଛଟେଇ ଶ୍ରମିକଙ୍କ ଅଭିଯୋଗ

**ପାରାଦୀପ, ୨୮।୫ (ସମିସ):**

ରିଫାଇନାରୀ ମଧ୍ୟରେ ଠିକା କାମ କରୁଥିବା ସାପୋର୍ଜି ପାଲୋଞ୍ଜି ଆଣ୍ଡ କମ୍ପାନୀ ପ୍ରାଇଭେଟ ଲିମିଟେଡ଼ ତା'ର ଶ୍ରମିକଙ୍କୁ କିଛି ନ ଜଣାଇ କାର୍ଯ୍ୟରୁ ଛଟେଇ କରିଥିବାରୁ ଶ୍ରମିକମାନେ ଆଜି ଶ୍ରମ ଅଧିକାରୀଙ୍କୁ ଭେଟି ଜଣାଇଥିଲେ। ଦୀର୍ଘ ଅଢେଇ ବର୍ଷ ହେବ ଏହି ଶ୍ରମିକମାନେ ଉକ୍ତ କମ୍ପାନୀରେ କାର୍ଯ୍ୟ କରି ଆସୁଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ କୌଣସି ଆଗୁଆ ସୂଚନା ନ ଦେଇ କାମରୁ ଅନ୍ତର କରିଛି। ଶ୍ରମିକମାନେ ୩ ମାସର ଦରମା ମଧ ପାଇନାହାନ୍ତି। ଯାହାକୁ ନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନୂଆବଜାରରେ ଥିବା ଶ୍ରମ କାର୍ଯ୍ୟାଳୟରେ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଶ୍ରମ ଅଧିକାରୀ ଉଭୟ କମ୍ପାନୀ ଓ ଶ୍ରମିକଙ୍କୁ ଆଜି ଡାକି ଆଲୋଚନା କରାଯାଇଥିଲା। ଆଲୋଚନା ପରେ ସେମାନଙ୍କ ୩ ମାସର ବକେୟା ଦରମା କମ୍ପାନୀ ଦେଇଥିବାବେଳେ ଫୁଲ ଆଣ୍ଡ ଫାଇନାଲ ପାଇଁ ଦାବି କରିଥିଲେ। ୭ ଦିନ ମଧ୍ୟରେ ଆଲୋଚନା କରାଯାଇ ପେମେଣ୍ଟ ଦିଆଯିବାର ବ୍ୟବସ୍ଥା କରାଯିବା ନେଇ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବାରୁ ଶ୍ରମିକମାନେ ଶାନ୍ତ ପଡିଥିଲେ।

୭ ଦିନ ମଧ୍ୟରେ ସମାଧାନ କରିବାକୁ ଦେଲେ ପ୍ରତିଶ୍ରୁତି



## ମତଦାନ ଦିବସ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମାର୍ଗଦର୍ଶିକା ଜାରି

**ଜଗତସିଂହପୁର,୨୮।୫(ସମିସ):** ଆସନ୍ତା ଜୁନ୍ ୧ ତାରିଖରେ ଜଗତସିଂହପୁର ଜିଲ୍ଲାରେ ସାଧାରଣ ନିର୍ବାଚନ- ୨୦୨୪ ନିମନ୍ତେ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ପର୍ବ ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଭୋଟ ଗ୍ରହଣ ଦିନ ମତଦାନକୁ ସୁଗମ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ଭାରତ ନିର୍ବାଚନ ଆୟୋଗ ଦ୍ୱାରା ଜାରି କରାଯାଇଥିବା ମତଦାତା ମାର୍ଗଦର୍ଶିକା ଅନୁଯାୟୀ ନିୟମାବଳୀ ଜାରି କରିଥିବା ଜଣାପଡିଛି। ମାର୍ଗଦର୍ଶିକା ଅନୁଯାୟୀ ମତଦାନ ଦିନ ମତଦାତାମାନେ ବୁଥ୍‌କୁ ୧୩ ଗୋଟି ଅନୁମୋଦିତ ଦସ୍ତାବିଜ୍ ମଧ୍ୟରୁ ଯେ କୌଣସି ଗୋଟିଏ ନେଇ ଆସିବା ବାଧ୍ୟତାମୂଳକ। ସେଗୁଡିକ ହେଲା ଭୋଟର ପରିଚୟ ପତ୍ର, ଆଧାର କାର୍ଡ, ପାନ୍ କାର୍ଡ, ଦିବ୍ୟାଙ୍ଗ ପରିଚୟ ପତ୍ର , ଫଟୋ ସଂଲଗ୍ନ ଥିବା ଚାକିରି କ୍ଷେତ୍ରର ପରିଚୟ,ଫଟୋ ସଂଲଗ୍ନ ଥିବା ବ୍ୟାଙ୍କ୍ ବା ପୋଷ୍ଟ ଅଫିସର ପାସ୍ ବୁକ୍, ଶ୍ରମ ମନ୍ତ୍ରଣାଳୟ ଯୋଜନା ଅଧୀନରେ ପ୍ରଦତ୍ତ ସ୍ୱାସ୍ଥ୍ୟବୀମା ସ୍ମାର୍ଟ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାସପୋର୍ଟ, ଆରଜିଆଇ୍ ଦ୍ୱାରା ପ୍ରଦତ୍ତ ସ୍ମାର୍ଟକାର୍ଡ,ଫଟୋ ସଂଲଗ୍ନ ପେନସନ ବହି/ଦସ୍ତାବିଜ୍ , ସାଂସଦ, ବିଧାୟକ, ବିଧାନସଭା ପରିଷଦର ସଦସ୍ୟଙ୍କୁ ଦିଆଯାଇଥିବା ସରକାରୀ ପରିଚୟ ପତ୍ର,ମନରେଗା ଜବ୍ କାର୍ଡ। ଏଥିମଧ୍ୟରୁ ଯେ କୌଣସି ଗୋଟିଏ ପରିଚୟ ପତ୍ର ଦର୍ଶାଇ ମତଦାତା ନିଜର ପରିଚୟ ସାବ୍ୟସ୍ତ କରିପାରିବେ। ମତଦାତାମାନେ ମାର୍ଗଦର୍ଶିକା ଅନୁଯାୟୀ ମତଦାନ କେନ୍ଦ୍ରକୁ ମୋବାଇଲ, କ୍ୟାମେରା, ହେଡଫୋନ, ଏବଂ ସ୍ମାର୍ଟୱାଚ ଭଳି ବୈଦ୍ୟୁତିକ ଉପକରଣ ନେବାକୁ ବାରଣ କରାଯାଇଛି। ମତଦାନ କେନ୍ଦ୍ର ଭିତରେ ଫଟୋ କିମ୍ବା ଭିଡ଼ିଓ ଉତ୍ତୋଳନକୁ ମଧ୍ୟ ବାରଣ କରାଯାଇଛି। ସେହିପରି ମତଦାନକୁ ସହଜ କରିବା ନିମନ୍ତେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନେ ଅକ୍ଷମତା ହେତୁ ସାଥୀ ମତଦାତାଙ୍କ ସାହାଯ୍ୟ ନେଇପାରିବେ। ଏହାଛଡା ସମସ୍ତ ପ୍ରାର୍ଥୀ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ପୋଲିଂ ଏଜେଣ୍ଟ ନିଯୁକ୍ତି ସହ ସେମାନଙ୍କୁ ମତଦାନ ଦିନ ସକାଳ ୫.୩୦ ମି ସୁଦ୍ଧା ମତଦାନ କେନ୍ଦ୍ରରେ ପହଞ୍ଚି ମକପୋଲରେ ଉପସ୍ଥିତ ରହିବାକୁ ଜଣାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## 'ଗଣତନ୍ତ୍ର ଓ ଆମ କର୍ତ୍ତବ୍ୟ' ଶୀର୍ଷକ ଆଲୋଚନାଚକ୍ର

**ଜଗତସିଂହପୁର,୨୮।୫(ସମିସ):** ଇତି ମଧ୍ୟରେ ୨୦୨୪ ନିର୍ବାଚନ ପାଇଁ ଆମ ଦେଶରେ ଷଷ୍ଠ ପର୍ଯ୍ୟାୟ ଏବଂ ଆମ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପୁରୁଣାଗଡ ସ୍ଥିତ ପ୍ରଫୁଲ୍ଲ ପାଠାଗାରରେ ଗଣତନ୍ତ୍ର ଓ ଆମ କର୍ତ୍ତବ୍ୟ ଶୀର୍ଷକ - ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ସଭାପତି ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ରନାଥ ତ୍ରିପାଠୀ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଆଲୋଚକ ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗ ଦେଇ ଭୋଟଦାନ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପ୍ରତ୍ୟେକ ଭୋଟରଙ୍କ ପାଇଁ ଏକ ସାମ୍ବିଧାନିକ ଅଧିକାର ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଆଲୋଚକ ଭାବେ ଶିକ୍ଷାବିତ୍ ବଂଶୀଧର ଆ.ର୍ଯ୍ୟ ତାଙ୍କ ବକ୍ତବ୍ୟରେ ଭୋଟଦ୍ୱାରା ଆମେ ଲୋକସଭା ଓ ବିଧାନସଭା ପାଇଁ ପ୍ରାର୍ଥୀ ବାଛିଥାଉ ଏବଂ ନିର୍ବାଚନ ପ୍ରକ୍ରିୟା ଆମ ଗଣତନ୍ତ୍ରର ମହାନ ପର୍ବ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସତ୍ୟବାଦୀ ଦାସ, ରମାକାନ୍ତ ସାମନ୍ତରାୟ, ରମେଶ ଚନ୍ଦ୍ର ସାହୁ, ବିଜୟକୁମାର ପତି, ବ୍ରହ୍ମାନନ୍ଦ ତ୍ରିପାଠୀ ଓ ସତ୍ୟବାଦୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଆମେ ସମସ୍ତେ ଆମ ମତାଧିକାରକୁ ସାବ୍ୟସ୍ତ କରିବା ଜରୁରୀ ବୋଲି କହିଥିଲେ। ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।



## ମାଇକ୍ରୋ ଅବଜରଭରଙ୍କ ଦିନିକିଆ ପ୍ରଶିକ୍ଷଣ

**କେନ୍ଦ୍ରାପଡା,୨୮।୫(ସମିସ):**




ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ ସଭାକକ୍ଷରେ ଆଜି ମାଇକ୍ରୋ ଅବଜରଭରମାନଙ୍କ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ପର୍ଯ୍ୟବେକ୍ଷକ ଭରତ କୁମାର ଭାସବା ଓ ସାକେତ ମାଲବିୟ ମାଇକ୍ରୋ ଅବଜରଭରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅବାଧ, ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ ନିର୍ବାଚନ ପରିଚାଳନାରେ ମାଇକ୍ରୋ ଅବଜରଭରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ସେମାନଙ୍କୁ ନିଷ୍ଠାର ସହ କର୍ତ୍ତବ୍ୟ ପାଳନ କରିବାକୁ ପରାମର୍ଶ ସାଧାରଣ ଦେଇଛନ୍ତି ପର୍ଯ୍ୟବେକ୍ଷକ। ଜୁନ୍ ୧ ତାରିଖରେ ଭୋଟ୍‌ଗ୍ରହଣ କେନ୍ଦ୍ରରେ ମକ୍ ପୋଲ୍‌ଠାରୁ ଆରମ୍ଭ କରି ଭୋଟ୍‌ଗ୍ରହଣ ଶେଷ ପର୍ଯ୍ୟନ୍ତ ସେମାନେ ପ୍ରତ୍ୟେକ ଘଟଣାକୁ ଲିପିବଦ୍ଧ କରିବେ। ସମ୍ବେଦନଶୀଳ ଓ ଅତିସମ୍ବେଦନଶୀଳ ବୁଥ୍‌ମାନଙ୍କରେ ସେମାନେ ମୁଖ୍ୟତଃ ଗୁରୁ ଦାୟିତ୍ୱ ତୁଲାଇବେ। ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, କେନ୍ଦ୍ରାପଡା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବିନ୍ଦ୍ର କୁମାର ପ୍ରଧାନ, ମହାକାଳପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, ଟିଆର୍‌ଓ ସୁମନ୍ ଘୋଷ ଓ ଶୁଭଶ୍ରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ ସମାଜସେବୀ ପ୍ରବୀର ପ୍ରଧାନଙ୍କୁ ସମ୍ବର୍ଦ୍ଧନା

**ତିର୍ତ୍ତୋଲ,୨୮।୫(ସମିସ):** ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ସାଗବାରିଆସ୍ଥିତ ବୁଦ୍ଧ ବିହାର ପରିସରରେ ଆମ୍ବେଦକର ସାଂସ୍କୃତିକ ପରିଷଦ ତରଫରୁ ଆୟୋଜିତ ବୁଦ୍ଧ ଜୟନ୍ତୀ ଅବସରରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଡଙ୍ଗ ଗ୍ରାମର ଯୁବ ସମାଜସେବୀ ତଥା 'ଶାରଳା ଜ୍ୟୋତି' ସାହିତ୍ୟ ପତ୍ରିକାର ସମ୍ପାଦକ ପ୍ରବୀର ପ୍ରଧାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅତିଥି ଶିକ୍ଷାବିତ ପ୍ରଫେସର ଜଗନ ମୋହନ ସାହୁ, ପୁର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଫୁଲେ ଆମ୍ବେଦକର ସାଂସ୍କୃତିକ ପରିଷଦର ସଭାପତି ମାଧବାନନ୍ଦ ଗୋଛାୟତ, ଆଇନଜୀବି ମୁଲତା ରାଉତ, ଶିକ୍ଷାବିତ ବସନ୍ତ ମରୀ ଦାସ, ସମାଜସେବୀ ହରେକୃଷ୍ଣ ସେଣ, ଉତ୍ସବର ସଭାପତି ବାବାଜୀ ଚରଣ ମଲ୍ଲିକ ପ୍ରମୁଖ ଯୋଗଦେଇ ଶ୍ରୀ ପ୍ରଧାନଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ ଶ୍ରୀ ପ୍ରଧାନ ମୃତ୍ୟୁପରେ ନିଜର ଅଙ୍ଗ ଦାନ କରିବା ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରାଳୟରେ ନିଜର ନାମ ପଞ୍ଜିକୃତ କରିଛନ୍ତି। ତାଙ୍କର ଏହି ମହାନତା ପାଇଁ ନିକଟରେ ଅନ୍ତରୀକ୍ଷ ଚାରିଟେବୁଲ ଟ୍ରଷ୍ଟ ଓଡିଶା ତରଫରୁ ତାଙ୍କୁ ଅନ୍ତରୀକ୍ଷ ଦେବଦୂତ ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଥିଲା।



ନିର୍ବାଚନ ବେଳେ ନିଯୁକ୍ତିର ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି କେନ୍ଦ୍ରୀୟ ନେତା

# ୩୦ ବର୍ଷରେ ନେଲେଣି ୩୦ ହଜାର ଏକର ଚାଷଜମି; ହଜାରଙ୍କୁ ବି ମିଳିନି ନିଯୁକ୍ତି

**ପାରାଦୀପ,୨୮।୫(ସମିସ):** ଦୀର୍ଘ ୩ ଦଶନ୍ଧି ମଧ୍ୟରେ ପାରାଦୀପ, କୁଜଙ୍ଗ ଓ ଏରସମାର କିଛି ଅଞ୍ଚଳରୁ ବିଭିନ୍ନ ଶିଳ୍ପସଂସ୍ଥା ୩୦ ହଜାରରୁ ଅଧିକ ଏକର ଜମି ନେଇଛନ୍ତି।ପାରାଦୀପ ତୈଳ ବିଶୋଧନାଗାର ସର୍ବାଧିକ ୧୦ ହଜାର ଏକରରୁ ଅଧିକ ଜମି ନେଇଛି। ଏଥିସହିତ ସାର କାରଖାନା, ପେଟ୍ରୋକେମିକାଲ, ପ୍ଲାଷ୍ଟିକ ପାର୍କ ଓ ଅନ୍ୟାନ୍ୟ ଶିଳ୍ପ ପାଇଁ ଏହି ଜମି ଶାଗ ମାଛ ଦରରେ ନେଇଛନ୍ତି।ଶିଳ୍ପ ପାଇଁ ଧାନ, ମୀନ ଓ ପାନର ଅଞ୍ଚଳ କୁଜଙ୍ଗ ଏବେ ଶ୍ରୀହୀନ ହୋଇ ପଡିଛି। ହଜାର ହଜାର ପରିବାର ବିସ୍ଥାପିତ ହୋଇ ବାସହରା ହୋଇଛନ୍ତି।ଶିଳ୍ପ ପ୍ରଭାବରେ ସ୍ଥାନୀୟ ଅଞ୍ଚଳର ଚାଷବାସ ଉଜୁଡି ଯାଇଛି।ତେବେ କେନ୍ଦ୍ର ସରକାରଙ୍କ ପରିଚାଳନାଧୀନ ଭାରତୀୟ ତୈଳ ବିଶୋଧନାଗାର ଓ ଅନ୍ୟ ଶିଳ୍ପ ମାନେ ହଜାରରୁ ବି କମ ସ୍ଥାୟୀ ନିଯୁକ୍ତି ସ୍ଥାନୀୟ ଲୋକଙ୍କୁ ଦେବାରେ ବିଫଳ ହୋଇଛନ୍ତି। ଆର ଆର ପଲିସ (ବିସ୍ଥାପିତ ଆଇନି) ଅନୁସାରେ ବିସ୍ଥାପିତମାନଙ୍କୁ ଆବଶ୍ୟକ ସହାୟତା, ସାମାଜିକ ସୁରକ୍ଷା ଓ ଚାକିରୀ ମିଳି ପାରିନାହିଁ। ଭୂମିହୀନମାନେ ବାରମ୍ବାର ଆନ୍ଦୋଳନ କରି ଏଥିରେ ଅସଫଳ ରହିଛନ୍ତି।ଏବେ ନିର୍ବାଚନ ଥିବାରୁ ପାରାଦୀପକୁ ଆସୁଥିବା କେନ୍ଦ୍ର ନେତାମାନେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାରେ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି।ପାରାଦୀପ ରେ ଶିଳ୍ପ ଯୋଗୁଁ ପ୍ରଦୂଷଣ ମାତ୍ରାଧିକ ବଢୁଥିଲେ ହେଁ ଶିଳ୍ପସଂସ୍ଥାମାନେ ଏ ଦିଗରେ ଯତ୍ନବାନ ହେଉନାହାନ୍ତି। ବରଂ ସେମାନଙ୍କ ସିଏସ୍ଆର ପାଣ୍ଠି ସ୍ଥାନୀୟ ଅଞ୍ଚଳରେ ବିକାଶ ପାଇଁ ବିନିଯୋଗ କରୁ ନାହାନ୍ତି। ପାରାଦୀପ ବିଶୋଧନାଗାରରୁ ଠିକାଦାରୀ କରି ସ୍ଥାନୀୟ ଜଣେ ବିଜେପି ନେତାଙ୍କ ସମ୍ପର୍କୀୟ ଶହ ଶହ କୋଟି ଟଙ୍କା ରୋଜଗାର କରୁଥିବା ବେଳେ ଏବେ ନିଯୁକ୍ତିର ମିଥ୍ୟା ବାହାନା କରି

> **ବିଶୋଧନାଗାର ସାଜିଛି ସ୍ଥାନୀୟ ବିଜେପି ନେତାଙ୍କ ଦୁଧିଆଳ ଗାଈ**

ଲୋକଙ୍କୁ ଭଣ୍ଡାଇବାକୁ ଅପଚେଷ୍ଟା କରୁଥିବା ନେଇ ସ୍ଥାନୀୟ ବିଜେଡି ନେତା କହିଛନ୍ତି। କେତେ ଆଶା ଭରସା ଥିଲା ପିଲାଏ ନିଯୁକ୍ତି ପାଇବେ, ଭବିଷ୍ୟତ କୁ ବ୍ୟବସାୟ ପାଇଁ ସୁବିଧା ସୁଯୋଗ ମିଳିବ।ଏହା ଆର୍ଥିକ କ୍ଷେତ୍ରକୁ ଉଜ୍ଜ୍ଵଳ କରିବ। ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏହା ସ୍ୱପ୍ନରେ ରହି ଯାଇଛି।ଏହି ପରିବାର ମାନଙ୍କୁ ଉପଯୁକ୍ତ ନ୍ୟାୟ ମିଳି ପାରିନାହିଁ। କିନ୍ତୁ ନିର୍ବାଚନ ଆସିଲେ ବିଜେପି ନେତାଙ୍କ ଏଭଳି କୁମ୍ଭୀର କାନ୍ଦଣା ସ୍ଥାନୀୟ ଅଧିବାସୀଙ୍କ କଟା ଘା' ରେ ଚୁନ ସଦୃଶ ବୋଲି ବିଜେଡ଼ି ଜିଲ୍ଲା ଉପ ସଭାପତି ପୀତାମ୍ବର ତରାଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି। ଏବେ ନିର୍ବାଚନ ସମୟରେ ଭୂମିହରା ଚାଷୀ ପରିବାରର ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କ ନିଯୁକ୍ତିକୁ ରାଜ୍ୟ ସରକାରଙ୍କ ମୁଣ୍ଡ ଆଡ଼କୁ ଠେଲି ସମାଲୋଚନା କରିବା ହାସ୍ୟାସ୍ପଦ ବୋଲି ସେ କହିଛନ୍ତି।ଆଜି ପାରାଦୀପ ଠାରେ 'ସକାଳ' ପ୍ରତିନିଧିଙ୍କ ସହ ଅନଉପଚାରିକ ସାକ୍ଷାତ ବେଳେ୍ ଶ୍ରୀ ତରାଇ ଏହା କହିଛନ୍ତି।କେନ୍ଦ୍ରରେ ବିଜେପି ସରକାରରେ ଓଡ଼ିଆ ପୁଅ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ ମନ୍ତ୍ରୀ ଥିବାବେଳେ ଆଇ ଓ ସିଏଲ୍ ରେ କେତେଜଣ ସ୍ଥାନୀୟ ବେକାର ଯୁବକ ଯୁବତୀ ନିଯୁକ୍ତି ପାଇଛନ୍ତି ବୋଲି ଶ୍ରୀ ତରାଇ ପ୍ରଶ୍ନ କରିଛନ୍ତି। ବରଂ ଆଇଓସିଏଲ୍ରୁ କୋଟି କୋଟି ଟଙ୍କାର ଫାଇଦା ନେଇ ସ୍ଥାନୀୟ ଅଧିବାସୀଙ୍କ ଜୀବନ ଜୀବିକାକୁ ଉଜୁଡାଇ ଦେଇଛନ୍ତି।କେନ୍ଦ୍ର ସରକାର ଟିକିଏ ପାଟି ଖୋଲିଥିଲେ ହଜାର ହଜାର ଭୂମିହୀନ ପରିବାର ସମେତ ସାରା କୁଜଙ୍ଗ ଅଞ୍ଚଳର ଅର୍ଥନୈତିକ ବିକାଶ, ସାମାଜିକ ଉତଥାନ ଶୀର୍ଷ ଭାଗ ଛୁଇଁ ପାରିଥାନ୍ତା ବୋଲି ଶ୍ରୀ ତରାଇ କହିବା ସହ ସ୍ଥାନୀୟ ସ୍ୱାର୍ଥକୁ ଉପେକ୍ଷା କରିଆସୁଥିବା ବିରୋଧୀ ନିର୍ବାଚନ ଆସିଲେ ନିଯୁକ୍ତି ପ୍ରସଙ୍ଗ ଉଠାଇବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି କଟାକ୍ଷ କରିଛନ୍ତି।

## ବିଜେଡିରେ ମିଶିଲେ ୧୬ ପରିବାର



**ଗୋବିନ୍ଦପୁର, ୨୮।୫(ସମିସ):** ଆଳି ବ୍ଲକ ଅନ୍ତର୍ଗତ ଦେସାହି ପଞ୍ଚାୟତରେ ବିଜେଡି ଦଳର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର ମହାନ୍ତି, ଶରତ ମଲିକ, ବିପିନ ଜେନା, ଉଦୟ ନାଥ ବେହୁରିଆ, ରତ୍ନାକର ସାହୁ, ସୁବାସ ବେହୁରିଆ, ପ୍ରକାଶ ବେହୁରିଆ, ଅକ୍ଷୟ ସାହୁ, ଦିବାକର ବେଉରିଆ, ବିପିନ ଦାସ, ସତ୍ୟରଞ୍ଜନ ବେଉରିଆ, ଜ୍ୟୋତିରଞ୍ଜନ ବେହୁରିଆ, କ୍ରିଷ୍ଣା ମହାଲିକ, ସମୀର ନାୟକ, ବିଶ୍ୱଜିତ ବେଉରିଆ ପ୍ରମୁଖ ଅନ୍ୟ ଦଳ ପରିତ୍ୟାଗ କରି ବିଜେଡି ଦଳରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଥିଲେ। ବିଜେଡି ବ୍ଲକ ସଭାପତି ସନାତନ ମିଶ୍ର ଉତ୍ତରୀୟ ଦେଇ ବିଜେଡି ଦଳକୁ ସ୍ୱାଗତ କରିଥିଲେ। ଯୁବ ବିଜେଡି ସଭାପତି କେଦାର ନାଥ ବେହେରା, ସରପଞ୍ଚଙ୍କ ପ୍ରତିନିଧି ମନୋଜ ଦାସ, ସମିତି ସଭ୍ୟ କୈଳାସ ବେହୁରିଆ, ନାଏବ ସରପଞ୍ଚ ପଞ୍ଚାନନ ସାହୁ, ପ୍ରଫୁଲ୍ଲ ମଲିକ, ନନ୍ଦକିଶୋର ସାହୁ, ସାଲବେଗ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

**କେନ୍ଦ୍ରାପଡ଼ା,୨୮।୫(ସମିସ):** ନିକିରାଇ ଥାନା ଅନ୍ତର୍ଗତ ପଲ୍ଲୀ ରଘୁନାଥପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅବସରପ୍ରାପ୍ତ ସେନା କର୍ମଚାରୀ ସୁଧାଂଶୁ ଜେନା ନାମକ ବ୍ୟକ୍ତିଙ୍କୁ ସେହି ଗ୍ରାମର ଚାରିଜଣ ଦୁର୍ବୃତ୍ତ ଜୀବନରୁ ମାରିଦେବା ପାଇଁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ୨୫ ତାରିଖ ରାତିରେ ସୁଧାଂଶୁ ଜେନା ରାତି ୧୦ଟା ସମୟରେ ପାନ ଖାଇବା ପାଇଁ ଗ୍ରାମର ଛକ ମୁଣ୍ଡକୁ ଯାଇଥିଲେ। କିନ୍ତୁ ସମୟର ବିଡମ୍ବନା ଦୁର୍ବୃତ୍ତମାନେ ଛକରେ କାଳ ସର୍ପ ସାଜି ଲୁଚି ରହି ସୁଯୋଗ ଅପେକ୍ଷାରେ ଥିଲେ। ଚାରି ଦୁର୍ବୃତ୍ତ ସୁଧାଂଶୁ ଜେନାଙ୍କୁ ଦେଖି ଧାରୁଆ ଅସ୍ତ୍ରରେ ୨୦ରୁ ଉର୍ଦ୍ଧ୍ୱ ଥର ଓ ଲୁହା ରଡ଼ରେ ଆକ୍ରମଣ କରିଥିଲେ। ସୁଧାଂଶୁ ଜେନା ତଳେ ପଡିଯାଇଥିଲେ। ରକ୍ତାକ୍ତ ଅବସ୍ଥାରେ ଚେତାଶୂନ୍ୟ ହୋଇଯାଇଥିଲେ। ଖବର ପାଇ ସୁଧାଂଶୁଙ୍କ ପତ୍ନୀ ଓ ତାଙ୍କ ବାପା ରାଜେନ୍ଦ୍ର କୁମାର ଜେନା ଉଦ୍ଧାର କରି ନିକଟସ୍ଥ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସୁଧାଂଶୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କ ଅବସ୍ଥା ବହୁତ ସଙ୍କଟାପନ୍ନ ହୋଇପଡ଼ିଥିଲା। ଡାକ୍ତର ସୁଧାଂଶୁଙ୍କୁ ତୁରନ୍ତ କଟକ ସ୍ଥାନାନ୍ତରିତ କରିଥିଲେ। ସୁଧାଂଶୁଙ୍କ ବାପା ଉକ୍ତ ଦୁର୍ଘଟଣା ସମ୍ପର୍କରେ ନିକିରାଇ ଥାନାରେ ଏତଲା ଦେଇଥିଲେ। ନିକିରାଇ ଥାନା ଅଧିକାରିଣୀ ଇନ୍ଦୁପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସୁଧାଂସୁକୁ କଟକ ବଡ ମେଡିକାଲ ପଠାଇଥିଲେ। ଅନ୍ୟପଟେ ଥାନା ଅଧିକାରିଣୀ ଦୁର୍ଘଟଣା ସ୍ଥଳକୁ ଯାଇ ଛାନବିନ କରିବା ସହ ସ୍ଥାନୀୟ ଲୋକଙ୍କୁ ପଚାରି ବୁଝିଥିଲେ। ଏ ନେଇ ୧୪୫/୨୪ରେ ମାମଲା ରୁଜୁ କରି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ତଦନ୍ତ ଆରମ୍ଭ କରିଛନ୍ତି।

## ବସ୍ ଧକ୍କାରେ ମହିଳା ମୃତ



**ଡେରାବିଶ,୨୮।୫(ସମିସ):** କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜପଥର ଚାନ୍ଦୋଳ ବଜାରଠାରେ ଆଜି ସକାଳେ ବସ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ମହିଳା ଜଣକ ହେଉଛନ୍ତି ସାଲେପୁର ଥାନା ଅନ୍ତର୍ଗତ ଭାତପଡ଼ା ଗ୍ରାମର ଚନ୍ଦନ ପଟ୍ଟନାୟକଙ୍କ ସ୍ତ୍ରୀ ପ୍ରିୟଙ୍କା ରାଉତରାୟ (୨୬)। ସୂଚନା ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଅଞ୍ଚଳରୁ ଆଜି ସକାଳେ କଟକ ଅଭିମୁଖେ ଓଏସ୍ଆରଟିସି ବସ୍ ଆସୁଥିଲା । ବିପରୀତ ଦିଗରୁ ଏକ ସ୍କୁଟି ଯୋଗେ ପ୍ରିୟଙ୍କା ଭାତପଡ଼ାରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ବେଳେ ସାମନା ପଟରୁ ଆସୁଥିବା ବସ୍କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରିୟଙ୍କା କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀ ଭାବେ କାର୍ଯ୍ୟରତ ଥିବା ବେଳେ ସକାଳୁଆ ଅଫିସରେ ଯୋଗ ଦେବା ପାଇଁ ପ୍ରତିଦିନ ଭଳି ଆଜି ମଧ୍ୟ ଯାଉଥିଲେ। ଏହି ଦୁର୍ଘଟଣା ପରେ କିଛି ସମୟ ପାଇଁ ରାସ୍ତାରେ ଯାନବାହାନ ଚଳାଚଳ ଠପ ହୋଇଯାଇଥିଲା। ଖବର ପାଇ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ଦୁର୍ଘଟଣାଗ୍ରସ୍ତ ବସ୍ ଓ ସ୍କୁଟିକୁ ଜବତ କରିବା ସହ ପ୍ରିୟଙ୍କାଙ୍କ ଶବକୁ ଜବତ କରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ଆମ୍ ଆଦମୀ ପାର୍ଟି ପକ୍ଷରୁ ରୋଡ୍ ଶୋ'



**ଡେରାବିଶ, ୨୮।୫ (ସମିସ):** ଆସନ୍ତା ଜୁନ୍ ୧ ତାରିଖରେ ପାଟକୁରା ନିର୍ବାଚନ ମଣ୍ଡଳୀରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ଆଉ ମାତ୍ର ଅଳ୍ପ ଦିନ ଥିବା ବେଳେ ସମସ୍ତ ଦଳର ପ୍ରାର୍ଥୀଙ୍କ ପକ୍ଷରୁ ପ୍ରଚାର ଅଭିଯାନକୁ ଜୋରଦାର କରାଯାଇଛି। ତିନି ପ୍ରମୁଖ ଦଳ ବିଜେଡ଼ି, ବିଜେପି ଓ କଂଗ୍ରେସର ପ୍ରାର୍ଥୀମାନେ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ସୋମବାର ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଆମ ଆଦମୀ ପାର୍ଟିର ପ୍ରାର୍ଥୀ ଅଶୋକ କୁମାର ତ୍ରିପାଠୀ ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକର ସମସ୍ତ ଜୋନ୍ ଅଞ୍ଚଳରେ ଥିବା ଗ୍ରାମ ଗୁଡ଼ିକରେ ପ୍ରଚାରକୁ ଜୋରଦାର କରିଛନ୍ତି। ବିଶେଷକରି ଶ୍ରମିକ ଓ ଚାଷୀମାନଙ୍କର ସମସ୍ୟା ଓ ପାଟକୁରାର ବିକାଶକୁ ମୁଖ୍ୟ ପ୍ରସଙ୍ଗ କରି ଭୋଟରମାନଙ୍କର ଆଶୀର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ଆଜି ପୂର୍ବାହ୍ନରେ ବ୍ଲକ ଅଧୀନସ୍ଥ ଚାନ୍ଦୋଳ ବଜାର ଠାରୁ ଅଶୋକ ଏକ ରୋଡ୍ ଶୋ'ରେ ତାଙ୍କର ନିର୍ବାଚନ ପ୍ରଚାର ଆରମ୍ଭ କରି ବ୍ଲକ ଅଧିନସ୍ଥ ସମସ୍ତ ପଞ୍ଚାୟତରେ ବୁଲିଥିଲେ।

## ଆୟତନରେ ଇଣ୍ଡିଆ ମେଣ୍ଟର ନିର୍ବାଚନୀ ସଭା

**ରାଜକନିକା,୨୮ ।୫(ସମିସ):** ଦେଶରେ ସାଧାରଣ ନର୍ବାଚନର ମାହୋଲ ବଳବତ୍ତର ଥିବା ବେଳେ ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଖେଇ ଆସୁଛି । ଦେଶର ଗଣତନ୍ତ୍ରର ଏହି ମହାପର୍ବରେ ଭୋଟରଙ୍କୁ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାର ସମ୍ପର୍କରେ ସଚେତନ କରାଇ ଜାତୀୟ ପ୍ରଗତିଶୀଳ ଗଣତାନ୍ତ୍ରିକ ମେଣ୍ଟ (ଇଣ୍ଡିଆ) ପକ୍ଷରୁ ଆଳି ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ସ୍ଥାନରେ ନିର୍ବାଚନୀ ସଭା କରାଯାଇଛି। ଆଜି ସନ୍ଧ୍ୟାରେ ଆୟତନ ଠାରେ ଅନୁଷ୍ଠିତ ଏହି ସଭାରେ କେନ୍ଦ୍ର ସରକାରଙ୍କ ବିଫଳତା ଓ ଦୁର୍ନୀତି ସମ୍ପର୍କରେ ଭାଷଣ ଦେଇ ପିସିସି ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଆଗାମୀ ନିର୍ବାଚନରେ ଜାତୀୟତା ସୃଷ୍ଟିକାରୀ ମେଣ୍ଟର ପ୍ରାର୍ଥୀଙ୍କୁ ବିଜୟୀ କରାଇବାକୁ ଆହ୍ୱାନ ଦେଇଥିଲେ। ଏହି ସଭାରେ କଂଗ୍ରେସ ପ୍ରାର୍ଥୀ ଦେବସ୍ମିତା ଶର୍ମା, କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାଶ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ସିପିଏମ ନେତା କାଳୀପ୍ରସାଦ ନାୟକ, ସିପିଆଇଏମ ଏଲ ନେତା ବିଧାନ ଦାସ, କଂଗ୍ରେସ ନେତା ଶରତ ରାଉତ, ପ୍ରମିଳା ସାହୁ ପ୍ରମୁଖଙ୍କ ସହ ବହୁ ନେତୃତ୍ୱ ଆଗାମୀ ନିର୍ବାଚନରେ ଆଳି ବିଧାନସଭା ଓ କେନ୍ଦ୍ରାପଡ଼ା ଲୋକସଭା କଂଗ୍ରେସ ପ୍ରାର୍ଥୀଙ୍କୁ ବହୁ ସଂଖ୍ୟାରେ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ୨୯ ନଂ ଜୋନ୍ର ସଭାପତି ରଙ୍ଗଲାଲ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବହୁ ସରପଞ୍ଚ, ସମିତିସଭ୍ୟଙ୍କ ସହ ଛାମୁଆ ସଂଗଠକ ଓ ଶହ ଶହ ଲୋକ ଯୋଗ ଦେଇଥିଲେ।

## ଶିକ୍ଷାବିତ୍, ପ୍ରକୃତିପ୍ରେମୀ ଭାସ୍କର ଚନ୍ଦ୍ର ପଣ୍ଡାଙ୍କ ସ୍ମୃତିଚାରଣ

**ଡେରାବିଶ,୨୮।୫(ସମିସ):** ଡେରାବିଶ ବ୍ଲକ୍ ଚାନ୍ଦୋଳ କଲେଜ ଛକସ୍ଥିତ ବାସଭବନରେ ସ୍ୱର୍ଗତ ଭାସ୍କର ଚନ୍ଦ୍ର ପଣ୍ଡାଙ୍କ ଦ୍ୱାଦଶାହ ତିଥି ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ, ପୁନର୍ନବା ସାହିତ୍ୟ ସଂସଦ, ବସୁଧୈବ ପାଠାଗାର, ଜୟଭାରତୀ ସାଥୀ ସମାଜ ସବଳଙ୍ଗ ଏବଂ ଚାନ୍ଦୋଳ କଲେଜଛକର ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଶିକ୍ଷାବିତ୍ ଦାମୋଦର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ନିରଞ୍ଜନ ସ୍ୱାଇଁ, ରବିନ୍ଦ୍ର କୁମାର ମିଶ୍ର, ନିତ୍ୟାନନ୍ଦ ମିଶ୍ର, ସର୍ବେଶ୍ୱର ମିଶ୍ର, ଯଶୋବନ୍ତ ନାରାୟଣ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପୁରୁଷୋତ୍ତମ ସ୍ୱାଇଁ ସଭା ସଞ୍ଚାଳନ କରିଥିବା ବେଳେ ନିଶିକାନ୍ତ ପଣ୍ଡା ବେଦ ଓ ଗୀତା ପାଠ କରିଥିଲେ। ଡଃ ପ୍ରକାଶ କୁମାର ପରିଡ଼ାଙ୍କ ସମ୍ପାଦନରେ 'ପୂଜ୍ୟ ପ୍ରଣାମ' ସ୍ମରଣିକାକୁ ପଣ୍ଡିତ ହୃଷିକେଶ ରଥ ଲୋକାର୍ପଣ କରିଥିଲେ। ସ୍ୱର୍ଗତ ପଣ୍ଡା ଜଣେ ଆଦର୍ଶ ଶିକ୍ଷକ, ପ୍ରଶାସକ ଭାବେ କାର୍ଯ୍ୟ କରି ଅବସର ପରେ ଜଣେ ପ୍ରକୃତି ପ୍ରେମୀ ଭାବରେ ପରିବେଶ ସୁରକ୍ଷା, ବିଭିନ୍ନ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନର ପୃଷ୍ଠପୋଷକ ଓ ଉପଦେଷ୍ଟା ଭାବେ କାର୍ଯ୍ୟ ନିର୍ବାହ କରିଆସୁଥିଲେ ବୋଲି ସଭାରେ ଉପସ୍ଥିତ ଡଃ ପରିଡ଼ା, ସ୍ୱପ୍ନେଶ୍ୱର ସାହୁ, ବିଧୁଭୂଷଣ ପଣ୍ଡା, ଅଚ୍ୟୁତ ଚରଣ ଜେନା, ମମତା ମହାପାତ୍ର, ନିରଞ୍ଜନ ସାହୁ, ଉମେଶ ଚନ୍ଦ୍ର ତ୍ରିପାଠୀ ଭଗବାନ ସାହୁ, ବିପିନ ବିହାରୀ ବିଶ୍ୱାଳ, ସୁରେନ୍ଦ୍ରନାଥ ପଣ୍ଡା, ଗଙ୍ଗାଧର ଦାସ ଓ ସୁବୋଧ କୁମାର ପରିଡ଼ା ପ୍ରମୁଖ ତାଙ୍କ ସ୍ମୃତିଚାରଣରେ କହିଥିଲେ। ଶେଷରେ ସନ୍ତୋଷ କୁମାର ପଣ୍ଡା, ଆଖଣ୍ଡଳ ପ୍ରସାଦ ପଣ୍ଡା, ଗୁରୁଚରଣ ପଣ୍ଡା ଓ ପରିବାର ବନ୍ଧୁବର୍ଗ ଆତିଥ୍ୟ ପ୍ରଦାନ କରିଥିଲେ।

## ପ୍ରାଧ୍ୟାପକ ରବୀନ୍ଦ୍ର ପରିଡ଼ାଙ୍କ ସ୍ମୃତିଚାରଣ ସଭା



**ରାଜନଗର, ୨୮।୫(ସମିସ):** ରାଜନଗର ବ୍ଲକ ବାଲିସାହିପାଟଣା ଗାଁର ସୁସାହିତ୍ୟିକ ପ୍ରାଧ୍ୟାପକ ସ୍ୱର୍ଗତ ରବିନ୍ଦ୍ର ପରିଡାଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କଥାକାର ଡଃ. ନୀଳମଣି ଲେଙ୍କାଙ୍କ ସଂଯୋଜନାରେ ଏହି ସ୍ମୃତିଚାରଣ ସଭାରେ ପ୍ରଫେସର ଅନିରୁଦ୍ଧ ରାଉଳ, ଡଃ. କେଳୁଚରଣ ସ୍ୱାଇଁ, ଡଃ. ଧରଣୀଧର ରାଉତ, ଅଧ୍ୟାପକ ତାପସ କୁମାର ପରିଡା, ଡଃ. ସଂଗ୍ରାମ କେଶରୀ ମଲ୍ଲିକ, ପଦ୍ମଲୋଚନ ରାଉତ, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର, ପ୍ରଫେସର ରବିନ୍ଦ୍ରନାଥ ବରାଳ, ପ୍ରାକ୍ତନ ପ୍ରଧାନଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ, କଥାକାର ପ୍ରଦୀପ କୁମାର ନାୟକ, ଗୋପିନାଥ କର, ପାଲାଗାୟକ ଭାଗବତ ବେହେରା, ଶିକ୍ଷକ ଅକ୍ଷୟ କୁମାର ଦାସ, ଜିତେନ୍ଦ୍ର କୁମାର ଜେନା ପ୍ରମୁଖ ସ୍ୱର୍ଗତ ପରିଡାଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଦେବା ସହିତ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତାଙ୍କ ପୁତ୍ର ସ୍ମାତଶ୍ରୀ ସ୍ୱରୂପ ପରିଡା, କନ୍ୟା ସ୍ମୃତିଶ୍ରୀ ପରିଡା, ଦର୍ପନାରାୟଣ ପରିଡା, ଗୋଲୋକ ବିହାରୀ ପରିଡା ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱରତୀର୍ଥ ସଂଗୀତ ଅନୁଷ୍ଠାନର ବିଶିଷ୍ଟ ସଂଗୀତ ଗୁରୁ ରବୀନ୍ଦ୍ର ନାଥ ମିଶ୍ରଙ୍କ କଳାକାରମାନେ ଭଜନ ପରିବେଷଣ କରିଥିଲେ।

## ଚାଷୀର ଝିଅ ମାଟ୍ରିକ୍ ଏ-୧ ଗ୍ରେଡ୍ ଧାରୀ



**ପଞ୍ଚୁପାଣ୍ଡବ,୨୮।୫(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରୀପାଟଣା ଗ୍ରାମର ସଦାନନ୍ଦ ଦାଶଙ୍କ ବଡ଼ଝିଅ ତଥା ଡେରାବିଶ ହାଇସ୍କୁଲର ଛାତ୍ରୀ ସୁଶ୍ରୀ ଭାଗ୍ୟଶ୍ରୀ ଦାଶ ଚଳିତ ମାଟ୍ରିକ ପରୀକ୍ଷାରେ ୫୪୬ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ପାସ୍ କରି ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ଭାଗ୍ୟଶ୍ରୀ ପାଠପଢ଼ିବା ପାଇଁ ଅଧିକାଂଶ ସମୟ ଦେଉଥିବା ମା ଲକ୍ଷ୍ମୀପ୍ରିୟା ପ୍ରକାଶ କରିଛନ୍ତି। ବାପା ସଦାନନ୍ଦ ଜଣେ ଚାଷୀ ହୋଇଥିଲେ ମଧ୍ୟ ସବୁବେଳେ ସେ ତାଙ୍କ ଦୁଇଝିଅଙ୍କର ପାଠପଢ଼ାରେ କେବେବି ଅବହେଳା କରିନାହାନ୍ତି। ଭାଗ୍ୟଶ୍ରୀ ତାର ଏହି ଶ୍ରେୟ ପାଇଁ ପରିବାର ଲୋକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରଦାନ କରିଛନ୍ତି।

## ବାଲିପାଟଣାରେ ବିଜେଡିର କର୍ମୀ ସମ୍ମିଳନୀ

**ପଟ୍ଟାମୁଣ୍ଡାଇ,୨୮।୫(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ସମେତ ସାରା ଓଡ଼ିଶାରେ ଶଙ୍ଖ ଇତିହାସ ରଚିବ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷଷ୍ଠଥର ମୁଖ୍ୟମନ୍ତ୍ରୀ ହୋଇ ବିରଳ ରେକର୍ଡ ସୃଷ୍ଟି କରିବେ ବୋଲି କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକର ବାଲିପାଟଣାଠାରେ ଆୟୋଜିତ ବିରାଟ କର୍ମୀ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାନସଭା ବିଜେଡି ପ୍ରାର୍ଥୀ ଗଣେଶ୍ୱର ବେହେରା ପ୍ରକାଶ କରିଛନ୍ତି। ବାଲିପାଟଣା ସରପଞ୍ଚ ଅଜିତ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମୀ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଶ୍ରୀ ବେହେରା କହିଲେ, କେନ୍ଦ୍ରାପଡ଼ାର ଗୁରୁତ୍ୱ ଓ ଗୌରବ ବୃଦ୍ଧି ପାଇଁ କେନ୍ଦ୍ରାପଡ଼ା ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କୁ ବିପୁଳ ଭୋଟରେ ବିଜୟୀ କରି ଇତିହାସ ସୃଷ୍ଟି କରିବାକୁ ନିବେଦନ କରିଥିଲେ। ୧୫ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶିନୀ ତରାଇ, ବରିଷ୍ଠ ନେତା ଅଭୟ ଜେନା, ପଞ୍ଚାୟତ ବିଜେଡି ସଭାପତି ସରୋଜ ସ୍ୱାଇଁ, ସମିତିସଭ୍ୟା କୁନି ସିଂହ, କାମିନୀ ବଳ, ବରିଷ୍ଠ ନେତା ଦିଲ୍ଲୀପ ଜେନା, ଶରତ ନାୟକ, ପ୍ରମୋଦ ଜେନା, ଧୀରେନ୍ଦ୍ର ସାହୁ, ବିରଞ୍ଚି ତରାଇ, ଯୁବ ବିଜେଡି ସଭାପତି ସୌମ୍ୟରଞ୍ଜନ ସାହୁ, ସୌମେନ୍ଦ୍ର ନାୟକ, ଧବଳେଶ୍ୱର ସାହୁ, ପ୍ରଶାନ୍ତ ପରିଡା, ହିମାଂଶୁ ସ୍ୱାଇଁ ପ୍ରମୁଖ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କୁ ରେକର୍ଡ ବ୍ୟବଧାନରେ ବିଜୟୀ କରିବାକୁ ନିବେଦନ କରିଥିଲେ। ଅଭୟ ଜେନା ଧନ୍ୟବାଦ ଦେଇଥିଲେ।

## ବିଜେଡିର ରଣନୀତି ପ୍ରସ୍ତୁତ

## ୨୦ ଜଣିଆ ଟିମ୍ ଗଠନ କଲେ ପ୍ରଭାତ ବିଶ୍ୱାଳ

**ପଟ୍ଟାମୁଣ୍ଡାଇ,୨୮।୫(ସମିସ):** ରାଜ୍ୟ ରାଜନୀତିରେ ମର୍ଯ୍ୟାଦାଜନକ କେନ୍ଦ୍ରାପଡ଼ା ଲୋକସଭା ଓ ବିଧାନସଭା ଆସନର ସ୍ୱତନ୍ତ୍ର ପରିଚୟଓ ଗୁରୁତ୍ୱ ରହିଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଗଡ଼ ଓ ଅଣକଂଗ୍ରେସ ରାଜନୀତିର ଅଭେଦ୍ୟ ଦୁର୍ଗ କେନ୍ଦ୍ରାପଡ଼ା ଦଖଲ କରିବା ପାଇଁ ବିରୋଧୀ ବିଜେପି ଓ କଂଗ୍ରେସ ଲାଗି ପଡ଼ିଥିବାବେଳେ ଶାସକ ନିଜର ଦୁର୍ଗକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସ୍ୱତନ୍ତ୍ର ରଣନୀତି ଆପଣାଇବା ସହିତ ଦଳର ଅପରାଜେୟ ନେତାଙ୍କୁ ମଇଦାନରେ ଛାଡ଼ିଛି। କେନ୍ଦ୍ରାପଡ଼ା ଲୋକସଭା ଓ ବିଧାନସଭା ନିର୍ବାଚନ ଫଳାଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୨ ପଞ୍ଚାୟତର ନିର୍ଣ୍ଣାୟକ ଭୂମିକା ରହୁଥିବାରୁ ଏହି ପଞ୍ଚାୟତ ଫଳାଫଳ ସଂପୂର୍ଣ୍ଣ ଭାବେ ବିଜେଡି ସପକ୍ଷରେ ନେବା ପାଇଁ ରାଜ୍ୟ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ପଟ୍ଟାମୁଣ୍ଡାଇ ମାଟିର ସନ୍ତାନ ବରିଷ୍ଠ ରାଜନେତା କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ନିର୍ବାଚନ ମଇଦାନରେ ଛାଡିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ସଭା ପରେ ପ୍ରଭାତ ପେଣ୍ଠପାଳଠାରେ ପହଞ୍ଚି ଗଡ଼ ଦଖଲ କରିବା ଓ ବିଜେଡିର ବିପୁଳ ବିଜୟ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛନ୍ତି। ଅଣ୍ଡରା, ଅମୃତମଣୋହି, ବଲୁରିଆ, ପେଣ୍ଠପାଳ, ତରଡ଼ିପାଳ, ଅଳପୁଆ, ସିଂହଗାଁ, ଡିହାପଡା, ନରସିଂହପୁର, ବଡ଼ମୂଳବସନ୍ତ, ନୀଳକଣ୍ଠପୁର ଓ ବାଲିପାଟଣା ଆଦି ୧୨ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ପଞ୍ଚାୟତ ସଭାପତିଙ୍କ ମିଳିତ ବୈଠକରେ ବୁଥ୍ସ୍ତରୀୟ ୨୦ ଜଣିଆ ଟିମ୍ ଗଠନ କରାଯାଇ ବିରୋଧୀ ଦଳକୁ ମାତ ଦେବାକୁ ରଣନୀତି ପ୍ରସ୍ତୁତ ହୋଇଛି। ଉଭୟ କେନ୍ଦ୍ରାପଡ଼ା ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବୃହତ୍ ବ୍ୟବଧାନରେ ବିଜୟୀ କରି ଇତିହାସ ସୃଷ୍ଟି କରିବାକୁ ପ୍ରଭାତ ସମସ୍ତ ୧୨ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ବିଜେଡି ସଭାପତି ଓ ଛାମୁଆ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ପଟ୍ଟାମୁଣ୍ଡାଇ ବ୍ଲକ ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ, ପେଣ୍ଠପାଳ ସରପଞ୍ଚଙ୍କ ପ୍ରତିନିଧି କୈଳାସ ସେଠୀ, ସମିତିସଭ୍ୟ ଶଶାଙ୍କ ବିଶ୍ୱାଳ, ପଞ୍ଚାୟତ ବିଜେଡି ସଭାପତି କେଦାର ବିଶ୍ୱାଳ, ଯୁବନେତା ଜ୍ୟୋତି ରଞ୍ଜନ ପ୍ରଧାନ, ଅଣ୍ଡରାର ପୂର୍ବତନ ସରପଞ୍ଚ ସଂଜୀବ ମଲ୍ଲିକ, ପଞ୍ଚାୟତ ବିଜେଡି ସଭାପତି ଅଶୋକ ମଲ୍ଲିକ, ସମବାୟ ସମିତି ସଭାପତି ବୃନ୍ଦାବନ ମଲ୍ଲିକ, ସିଂହଗାଁ ସରପଞ୍ଚ ଗଣେଶ ଦାସ, ସମିତିସଭ୍ୟ ଅଭୟ ସ୍ୱାଇଁ, ପଞ୍ଚାୟତ ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ସମିତିସଭ୍ୟ ରୁବି ମଲିକ, ପଞ୍ଚାୟତ ବିଜେଡି ସଭାପତି ସଞ୍ଜୟ ଦାସ, ବାଲିପାଟଣା ପୂର୍ବତନ ସରପଞ୍ଚ କିଶୋର ଜେନା, ପଞ୍ଚାୟତ ବିଜେଡି ସଭାପତି ସରୋଜ ସ୍ୱାଇଁ, ନୀଳକଣ୍ଠପୁର ସରପଞ୍ଚ ଜ୍ଞାନେନ୍ଦ୍ର ଖଣ୍ଡାୟୀ, ସମିତିସଭ୍ୟା ପଦ୍ମଜା କର, ଅଳପୁଆ ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା, ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ପଞ୍ଚାୟତ ବିଜେଡି ସଭାପତି ସୁକାନ୍ତ ରାଉତ, ତରଡ଼ିପାଳ ସରପଞ୍ଚ ଦେବେନ୍ଦ୍ର ନାୟକ, ସମିତିସଭ୍ୟ ନିରଞ୍ଜନ ବାରିକ, ପଞ୍ଚାୟତ ବିଜେଡି ସଭାପତି ହିମାଂଶୁ ବିଶ୍ୱାଳ, ଡିହାପଡା ସରପଞ୍ଚ ଶତ୍ରୁଘ୍ନ ମଲିକ, ନରସିଂହପୁର ପଞ୍ଚାୟତ ବିଜେଡି ସଭାପତି ତପରଞ୍ଜନ ବେହେରା, ଅମୃତମଣୋହି ସରପଞ୍ଚ ପ୍ରତିନିଧି ସିଦ୍ଧାର୍ଥ ଦାସ, ପୂର୍ବତନ ସରପଞ୍ଚ କୁଳମଣି ମଲିକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେବା ସହିତ ଶଙ୍ଖ ଚିହ୍ନରେ ଭୋଟ ଦେଇ ଉଭୟ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କୁ ବିପୁଳ ଭୋଟରେ ଜିତାଇବା ପାଇଁ ନିବେଦନ କରିଥିଲେ। କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ପଟ୍ଟାମୁଣ୍ଡାଇ ବ୍ଲକର ୧୨ ପଞ୍ଚାୟତ ଦାୟିତ୍ୱ ନେବା ପରେ ରାଜନୈତିକ ପାଣିପାଗ ବଦଳିବାରେ ଲାଗିଛି।

